ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.300 Bhubaneswar Friday, January 21, 2022 ୨୪ତମ ବର୍ଷ ସଂଖ୍ୟା–୩୦୦ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ସର୍ବଦଳୀୟ ବୈଠକରେ ନିଷ୍ପତ୍ତି, କୋଟିଆରେ ସହମତିରେ ବଛାହେବେ ଜନପ୍ରତିନିଧି

କୋରାପୁଟ ,୨୦।୧(ପି.ଏନ): ପଞ୍ଚାୟତ ନିର୍ବାଚନରେ କୋଟିଆରେ ପଡିବନି ଭୋଟ୍। ସହମତି ଭିତ୍ତିରେ ବଛା ହେବେ ଜନପ୍ରତିନିଧି। ଆଜି ଏମିତି କିଛି ନିଷ୍ପତ୍ତି ହୋଇଛି ସର୍ବଦଳୀୟ ବୈଠକରେ, ଯେଉଁଠି ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସର ନେତାମାନେ ଉପସ୍ଥିତ ଥିଲେ। ବିଜେଡିର କୋରାପୁଟ ଜିଲ୍ଲା ସଭାପତି ତଥା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, କୋଟିଆରେ ସର୍ବସମ୍ମତି କ୍ରମେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ବଛା ହେବେ। ଏମିତିକି ଜିଲ୍ଲା ପରିଷଦ ସଭ୍ୟ ମଧ୍ୟ ସର୍ବସମ୍ମତିରେ ବଛା ହେବେ। ପୁଣି କେବଳ କୋଟିଆ ଅଞ୍ଚଳର ଲୋକଙ୍କୁ ହିଁ ଏହି ସବୁ ପଦ ପାଇଁ ବଛାଯିବ।ଶ୍ରୀ ପାଣିଗ୍ରାହୀ କହିଛନ୍ତି, କୋଟିଆ ମାଟିର ସୁରକ୍ଷା ପାଇଁ ଆମେ ସବୁ ଦଳ ଏକାଠି ହୋଇ ଆନ୍ଧ୍ର ପ୍ରଦେଶ ସହ ଲଢ଼ିବାକୁ ଯାଇଥିଲୁ। ଆଜି ମଧ୍ୟ ଆମେ ଏକତାର ପରିଚୟ ଦେଇଛୁ। କୋଟିଆରୁ କୌଣସି ଦଳ ଭିତ୍ତିକ ପ୍ରାର୍ଥୀଙ୍କୁ ଛିଡା କରାଯିବ ନାହିଁ। ଯେଉଁ ସବୁ ପ୍ରାର୍ଥୀ ସେଠାରୁ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ସେମାନେ କୌଣସି ଦଳରେ ରହିବେ ନାହିଁ। ଏପରିକି ସେମାନଙ୍କ ପରିବାରର କୌଣସି ସଦସ୍ୟ କୌଣସି ଦଳର ସମର୍ଥକ ହୋଇ ନଥିବେ। ନିରପେକ୍ଷ ଭାବେ ସେ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରୁ ପ୍ରାର୍ଥୀଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯିବ। କୋଟିଆ ପ୍ରସଙ୍ଗ ଉପରେ ଯେତେବେଳେ ଆଲୋଚନା ହେବ ସେମାନେ ସର୍ବଦଳୀୟ କମିଟିର ପରାମର୍ଶ ନେଇ ମତ ପୋଷଣ କରିବେ। ପୂର୍ବତନ ସାଂସଦ ଜୟରାମ ପାଙ୍ଗି କହିଛନ୍ତି, ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ସମସ୍ତଙ୍କୁ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଯିବ। ଯେଉଁମାନେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ସେମାନଙ୍କୁ ବୁଝାଯିବ। ଏହା ଦ୍ୱାରା ଆନ୍ଧ୍ର ପ୍ରଦେଶକୁ ନିଶ୍ଚିତ ବାର୍ତ୍ତା ଯିବ ଯେ କୋଟିଆ ପ୍ରସଙ୍ଗରେ ଆମ ପାଇଁ ଦଳ ବଡ ନୁହେଁ, ମାଟି ବଡ। ଆମେ କୋଟିଆକୁ ଛାଡିବୁ ନାହିଁ ବୋଲି ଯେଉଁ ଜିଦ୍ ରହିଛି, ସେହି ବାର୍ତ୍ତା ସେମାନଙ୍କ ପାଖକୁ ଯାଉ।ବୈଠକରେ ଯୋଗ ଦେଇଥିବା କୋରାପୁଟ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ସମସ୍ତ ପ୍ରାର୍ଥୀଙ୍କୁ କୋଟିଆ ପଞ୍ଚାୟତ ଭିତରୁ ବଛା ଯିବ। କାଲି ହିଁ ସମସ୍ତ ପ୍ରାର୍ଥୀଙ୍କ ନାଁ ଚୂଡାନ୍ତ କରାଯିବ ଓ କାଲି ସମସ୍ତେ ନାମାଙ୍କନ ପତ୍ର ଦାଖଲ କରିବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପିତମ ପା ?ୀ, ରଘୁରାମ ପଡାଲ, ପୂର୍ବତନ ବିଧାୟକ ରାମ କାଡାମ ଓ ପ୍ରଫୁଲ୍ଲ ପାଙ୍ଗି ଉପସ୍ଥିତ ଥିଲେ।ଆସନ୍ତାକାଲି ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଥିବାବେଳେ ଶେଷ ଖବର ଯାଏଁ କୋଟିଆ ପଞ୍ଚାୟତରେ ୱାର୍ଡ ମେମ୍ବର ଲାଗି ୫ଜଣ, ସମିତି ସଭ୍ୟ ଲାଗି ଜଣେ ଓ ସରପଞ୍ଚ ପଦବୀ ଲାଗି ମୋଟ୍ ୭ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେଣୁ ଏମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେବା ପାଇଁ ରାଜି ହେଉଛନ୍ତି ନା ନାହିଁ, ତାହା ଏବେ ଦେଖିବାକୁ ବାକି ରହିଲା।ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତରେ ୨୮ଟି ରାଜସ୍ୱ ଓ ୧୨ଟି ପଡ଼ା ଗାଁ ରହିଛି। ମୋଟ୍ ୧୩ଟି ୱାର୍ଡରେ ଭୋଟର ସଂଖ୍ୟା ୫ ହଜାରରୁ ଅଧିକ ରହିଛି।

ସ୍ୱିଡନରୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର କିଣିବ ଭାରତ, ବଙ୍କରରୁ ଶତ୍ରୁ ପକ୍ଷଙ୍କୁ କରିପାରିବ ଟାର୍ଗେଟ

ନୂଆଦିଲ୍ଲୀ,୨୦।୧(ପି.ଏନ) : ଶତ୍ରୁକୁ ମାତ ଦେବାପାଇଁ ଭାରତୀୟ ସେନା ଏବେ ସ୍ୱିଡେନର କମ୍ପାନୀ ସାବ ପାଖରୁ ଏଟି୪ ନାମକ ଏଣ୍ଟି ଟ୍ୟାଙ୍କ ସିଙ୍ଗଲ ସଟ ଯୁଦ୍ଧାସ୍ତ୍ର କିଣିବାକୁ ଯାଉଛି। ଏଟି୪ ଦୁନିଆର ସବୁଠାରୁ ଘାତକ ଏଣ୍ଟି ଟ୍ୟାଙ୍କ ଯୁଦ୍ଧାସ୍ତ୍ର। ଏହାକୁ ସୈନିକମାନେ ବଙ୍କରରୁ ବ୍ୟବହାର କରିପାରିବେ ବୋଲି କୁହାଯାଇଛି । ୮୪ ଏମଏମ ବୋର ଥିବା ଏହି ଲଞ୍ଚର ଶତ୍ରୁଙ୍କ ଟ୍ୟାଙ୍କକୁ ସହଜରେ ଧ୍ୱଂସ କରପାରିବ।ଗୁରୁବାର ସାବ ବୟାନ ଜାରି କରି କହିଛି ଭାରତୀୟ ସେନା ପ୍ରତିଯୋଗୀ କାର୍ଯ୍ୟକ୍ରମ ଦ୍ୱାରା ଏଟି୪କୁ ନିଜ ସ୍ଥଳ ଓ ବାୟୁ ସେନା ପାଇଁ ଚୟନ କରିଛି। ପ୍ରତିରକ୍ଷା ଉତ୍ପାଦ ତିଆରି କରୁଥିବା କମ୍ପାନୀ ସାବ କହିଛି ଏଟି୪ ର ବିଭିନ୍ନ ମଡେଲକୁ କିଣିବାପାଇଁ ଚୟନ କରାଯାଇଛି। ଏଟି୪ ର ଏହି ସଂସ୍କରଣ ସହରର ବନ୍ଦଥିବା ଅଞ୍ଚଳରେ ବ୍ୟବହାର କରାଯାଇପାରିବ। ଭାରତୀୟ ସେନାକୁ ମିଳିବାକୁ ଯାଉଥିବା ଏଟି୪ସିଏସ ଏଏସଟି (AT4CS AST) ଯୁଦ୍ଧାସ୍ତ୍ର କୋଠାଘରକୁ ନଷ୍ଟ କରିବାର କ୍ଷମତା ରଖିଛି।ଏଟି୪ ର ବିଶେଷତ୍ୱ ହେଉଛି ସୈନ୍ୟ ଅଭିଯାନ ବେଳେ ଯବାନମାନେ ଏହାକୁ ହାତରେ ରଖି ସହଜରେ ବ୍ୟବହାର କରିପାରିବେ। ଏହାର ଓଜନ ମାତ୍ର ୮ କିଲୋ ହୋଇଥିବା ବେଳେ ଏହା ୨୦ରୁ ୩୦୦ ମିଟର ପର୍ଯ୍ୟନ୍ତ ଶତ୍ରୁଙ୍କର ଟ୍ୟାଙ୍କ, କୋଠାଘର, ହେଲିକପ୍ଟର, ଯୁଦ୍ଧାସ୍ତ୍ର ଥିବା ଗାଡ଼ି ଓ ନିର୍ଦ୍ଦିଷ୍ଟ ଲକ୍ଷ ସ୍ଥଳକୁ ଟାର୍ଗେଟ କରିପାରିବ। ଫ୍ରାନ୍ସ , ଲାଟବିୟା ଓ ଆମେରିକା ଭଳି ଦେଶ ଏଟି୪ ବା ଏଟି୪ସିଏସର ବ୍ୟବହାର କରୁଛନ୍ତି।

ବ୍ରହ୍ମୋସ କ୍ଷେପଣାସ୍ତ୍ରର ସଫଳ ପରିକ୍ଷଣ

ବାଲେଶ୍ୱର,୨୦।୧(ପି.ଏନ): ଆଜି ଦିବା ୧୦ ଘଂଟିକା ୪୫ ମିନିଟ୍‌ରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ୩ ନଂ ଉତ୍‌କ୍ଷେପଣ କେନ୍ଦ୍ର ବ୍ରହ୍ମୋସ କ୍ଷେପଣାସ୍ତ୍ରର ପରିକ୍ଷଣ ହୋଇଯାଇଛି। ଏହା ଏକ ଷ୍ଟେଲ୍ଥ ସୁପର ସୋନିକ୍ସ କ୍ରୁଜ କ୍ଷେପଣାସ୍ତ୍ର ଯାହାକୁ ଉଡ଼ାଯାହାଜ, ଜାହାଜ, ଉଡ଼ାଜାହାଜ ତଥା ସ୍ଥଳ ଭାଗରୁ କ୍ଷେପଣ କରାଯାଇ ପାରିବ। ଏହା ଭାରତ ସରକାରଙ୍କ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆରଡିଓ) ଓ ରୁଷିଆ ସରକାରଙ୍କ ଏମସ.ପି.ଓ ମାସିନୋଟ୍ରୋୟେନିଆ ମିଳିତ ଉଦ୍ୟମରେ ବିକସିତ। କ୍ଷେପଣାସ୍ତ୍ରଟି ୨୯୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷଭେଦ କରିବାର କ୍ଷମତା ରଖିଛି। ଏଥିରେ ଡୁଆଲଭ ସ୍ଟେଜ ଇଞ୍ଜିନସ ବ୍ୟବହୃତ ହୋଇଛି। ମୋବାଇଲ ଲଞ୍ଚର ଯୋଗେ ମଧ୍ୟ ଏହାର ଉତ୍‌କ୍ଷେପଣ କରାଯାଇ ପାରିବ। ୩୦୦ ଡିଗ୍ରୀ ପର୍ଯ୍ୟନ୍ତ ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଏହାର ଲମ୍ବ ୧.୪ ମିଟର, ବ୍ୟାସ ୦.୬ ମିଟର ଏବଂ ଓଜନ ୩୦୦୦ କିଲୋଗ୍ରାମ। ବ୍ରହ୍ମୋସ ଭାରତର ବ୍ରହ୍ମପୁତ୍ର ନଦୀ ଓ ରୁଷିଆର ମସ୍କବା ନଦୀର ନାମ ଯୋଗ କରାଯାଇ ସୃଷ୍ଟି କରାଯାଇଛି।

ବୁଲ୍ଲି ବାଇ ଆପ୍ ମାମଲାରେ ଓଡ଼ିଶାରୁ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର ,୨୦।୧(ପି.ଏନ): ବିବାଦୀୟ ବୁଲ୍ଲି ବାଇ ଆପ୍ ମାମଲାରେ ଓଡ଼ିଶାରୁ ଜଣେ ଅଭିଯୁକ୍ତକୁ ଗିରଫ କରିଛି ମୁମ୍ବାଇ ପୋଲିସ। ଓଡ଼ିଶାରୁ ଜଣକୁ ଗିରଫ କରାଯାଇଥିବା ନେଇ ଏଏନଆଇ ସୂତ୍ରରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତର ନାଁ ନୀରଜ ସିଂହ ବୋଲି ଜଣାପଡିଛି। ଏହି ମାମଲାରେ ବର୍ତମାନ ସୁଦ୍ଧା ୫ ଜଣ ଗିରଫ ହୋଇସାରିଲେଣି।ପୂର୍ବରୁ ପୁଲିସ ବିଶାଶ ଝା, ଶ୍ୱେତା ସିଂହ, ମୟଙ୍କ ରାୱତ ଏବଂ ନୀରଜ ବିଷ୍ଣୋଇଙ୍କୁ ଏହି ଲିଙ୍କରେ ଗିରଫ କରିଥିଲା। ଏହି ଆପ୍ ଜରିଆରେ କିଛି ମୁସ୍‌ଲିମ୍ ମହିଳାଙ୍କ ଫଟୋ ଅପ୍‌ଲୋଡ୍ କରି ସେମାନଙ୍କ ନିଲାମ ଡକାଯାଉଥିଲା। କେବଳ ସେତିକି ନୁହେଁ ସେମାନଙ୍କ ଫଟୋରେ ଅଶ୍ଳୀଳ କମେଂଟ ମଧ୍ୟ କରାଯାଉଥିଲା। ବିବାଦ ପରେ ଉକ୍ତ ଆପ୍ କୁ ବ୍ୟାନ୍ କରାଯାଇଛି।

ନାଇଟ କର୍ଫ୍ୟୁ ବେଳେ ରାସ୍ତା ଉପରେ ବାର୍ଥ ଡେ ସେଲିବ୍ରେସନ୍ , ୧୨ ଗାଡି ଜବତ

ଭୁବନେଶ୍ୱର,୨୦।୧(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣର ଚେନ ଭାଙ୍ଗିବାକୁ ରାତି ୯ରୁ ନାଇଟ କର୍ଫ୍ୟୁ ଘୋଷଣା କରିଛନ୍ତି ସରକାର। ତେବେ ନାଇଟ କର୍ଫ୍ୟୁ ସମୟରେ ଏକାଧିକ ଯୁବକ ବିଚରାସ୍ତାରେ ବାର୍ଥ ଡେ' ସେଲିବ୍ରେସନ କରୁଥିଲେ। ଡେଲ୍ଟା ଛକ ଟ୍ରାଫିକ ପୋଷ୍ଟରେ ବାର୍ଥ ଡେ' ସେଲିବ୍ରେସନ ସମୟରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଚଢାଉ କରାଯାଇଥିଲା। ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିଲେ ଯୁବକ। ଯାହା ଫଳରେ ପୋଲିସ ଘଟଣାସ୍ଥଳରୁ ୧୨ଟି ଦୁଇ ଚକିଆ ଗାଡିକୁ ଜବତ କରିଛି ।

ଗୋଟିଏ ଦିନରେ ୧୦୩୬୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୩୬୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୭୭୪୬୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୯୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୮୦ ହଜାର ୫୬୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୮୩୪୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୩୬୮ ଜଣଙ୍କ ମଧ୍ୟରୁ ୬୦୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୫୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୦୩୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୩୬, ବାଲେଶ୍ୱର ଜିଲ୍ଲାରୁ ୩୦୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୨୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୭୬ , କଟକରୁ ୯୪୦ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୭୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୮୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୧୦୦, ଗଂଜାମ ଜିଲ୍ଲାରେ ୮୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୬୫, ଯାଜପୁରରୁ ୨୯୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮୩ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧୨୩ , ଖୋର୍ଦ୍ଧାରୁ ୩୦୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୨୦୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୬୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୪୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୯୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୪୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨୦୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୮୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୫୦୫, ଷ୍ଟେଟ୍ ପୁଲରୁ ୬୬୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଯେତେ ଶୀଘ୍ର ସମ୍ଭବ ଟିକାକରଣ ଶେଷ କରାଯିବ :ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୨୦।୧(ପି.ଏନ): ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି ଯେ ଯେତେ ଶୀଘ୍ର ସମ୍ଭବ ଟିକାକରଣ ଶେଷ କରାଯିବ। ଏଠାରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ସେ ଏହା କହିଛନ୍ତି । ସେ ଅନ୍ୟ ଏକ ପ୍ରଶ୍ନର ଉତରରେ କହିଛନ୍ତି ଯେ ସାମ୍ବାଦିକମାନଙ୍କୁ କୋଭିଡ ଯୋଦ୍ଧା ଭାବେ ପରିଗଣିତ କରାଯାଉଛି। ଯେଉଁମାନଙ୍କର ଦ୍ୱିତୀୟ ଡୋଜ ନେବାର ୯ମାସ ହୋଇଯାଇଥିବ ସେମାନେ ପ୍ରିକସନ ଡୋଜ ନେଇ ପାରିବେ। ଆବଶ୍ୟକ ପଡିଲେ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ସେ ଟୀକାକରଣ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବର୍ତମାନ ସୁଦ୍ଧା ମୋଟ ୫ କୋଟି ୪୯ ଲକ୍ଷ ୮ ହଜାର ୬୧୯ ଡୋଜ ଟିକା ଦିଆଯାଇଛି। ସେଥିରୁ ପ୍ରଥମ ଡୋଜ ୩ କୋଟି ୧୪ ଲକ୍ଷ ୧ ହଜାର ୧୪୧, ଉଭୟ ଡୋଜ ୨ କୋଟି ୩୨ ଲକ୍ଷ ୧୯ ହଜାର ୨୯୭, ୧୫ରୁ ୧୮ ବର୍ଷ ବୟସ୍କଙ୍କୁ ୧୧ ଲକ୍ଷ ୭୯ ହଜାର ୪୫୨ ଡୋଜ ଟିକା ବା ଲକ୍ଷ୍ୟର ୫୦ ପ୍ରତିଶତ ଏବଂ ୨ ଲକ୍ଷ ୮୮ ହଜାର ୧୮୧ ପ୍ରିକସନ ଡୋଜ ଦିଆଯାଇଛି।

ରାଜଧାନୀରେ ସଂକ୍ରମଣ କମିଲା, କିନ୍ତୁ ମୃତ୍ୟୁସଂଖ୍ୟା ବଢ଼ିଲା

ନୂଆଦିଲ୍ଲୀ,୨୦।୧(ପି.ଏନ): ଦେଶର ରାଜଧାନୀ ଦିଲ୍ଲୀରେ କରୋନାର ତୃତୀୟ ଲହର ଧୀରେଧୀରେ ଥମିବା ଆରମ୍ଭ କରିଛି। କ୍ରମାଗତ ଭାବେ ଏଠାରେ ଦୈନିକ ସଂକ୍ରମଣ ହ୍ରାସ ପାଉଛି। ହେଲେ ୨୪ ଘଣ୍ଟା ମଧ୍ୟରେ କରୋନା ଯୋଗୁ ୪୩ ଜଣ ପ୍ରାଣ ହରାଇବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।ତୃତୀୟ ୱେଭ ବେଳେ ଗୋଟିଏ ଦିନରେ ଏତେ ସଂଖ୍ୟକ ଲୋକଙ୍କ ଜୀବନ ଯିବା ପ୍ରଥମ ଘଟଣା। ସେହିପରି ଗତବର୍ଷ ଜୁନ ୧୦ ପରେ ଦିଲ୍ଲୀରେ ଏତେ ସଂଖ୍ୟକ କରୋନା ଜନିତ ମୃତ୍ୟୁ ରେକର୍ଡ କରାଯାଇଛି। ଜୁନ୍ ୧୦ରେ ୪୪ ଜଣ କରୋନା ଯୋଗୁ ପ୍ରାଣ ହରାଇଥିଲା। ଏହାପରେ ମୃତ୍ୟୁହାର ହ୍ରାସ ପାଇଥିଲା। ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ଆଉ ୧୨,୩୦୬ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ଏହା ଗତକାଲି ତୁଳନାରେ ୧୦.୭୨% କମ। କାରଣ କାଲି ୧୩,୭୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂଆ ଆକ୍ରାନ୍ତଙ୍କୁ ମିଶାଇ ସହରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୭,୬୦,୨୭୨କୁ ବୃଦ୍ଧି ପାଇଛି।ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି ଯେ ଦିଲ୍ଲୀରେ ଟେଷ୍ଟ ପଜିଟିଭିଟି ରେଟ୍ ? ୨୧.୪୮କୁ ହ୍ରାସ ପାଇଛି। ଦିନକ ପୂର୍ବରୁ ଟିପିଆର ୨୩.୪୮% ଥିଲା। ସହରରେ ମୋଟ କରୋନା ଜନିତ ମୃତ୍ୟୁସଂଖ୍ୟା ୨୫,୫୦୩କୁ ବଢ଼ିଛି ଓ ମୃତ୍ୟୁହାର ୧.୪୫%। ୨୪ ଘଣ୍ଟାରେ ୧୮,୮୧୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିବାରୁ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୬,୬୬,୦୩୯ରେ ପହଞ୍ଚି ଯାଇଛି।ବୁଧବାରକୁ ଛାଡି ଦେଲେ ଦିଲ୍ଲୀରେ କ୍ରମାଗତ ଭାବେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି। ମଙ୍ଗଳବାର ୧୧,୬୮୪, ସୋମବାର ୧୨,୫୮୭, ରବିବାର ୧୮,୨୮୬,ଶନିବାର ୨୦,୭୧୮ ଓ ଶୁକ୍ରବାର ୨୪,୩୮୩ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିଲା। ବର୍ତ୍ତମାନ ଦିଲ୍ଲୀରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୮,୭୩୦ ରହିଛି। ଏମାନଙ୍କ ମଧ୍ୟରୁ ୫୩,୫୯୩ ଜଣ ହୋମ ଆଇସୋଲେସନ ଓ ୨,୫୩୯ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୮୪୪ ଜଣ ଆଇସିୟୁରେ ରହିଛନ୍ତି। ସେହିପରି ଭେଣ୍ଟିଲେଟର୍ ?ରେ ଥିବା ୧୫୨ ଜଣଙ୍କୁ ମିଶାଇ ମୋଟ ୯୦୩ ଜଣ ଅକ୍ସିଜେନ ସହାୟତାରେ ଚିକିତ୍ସିତ ହେଉଛନ୍ତି। ୧୫, ୫୮୯ କୋଭିଡ ବେଡ୍ ଭିତରୁ ଏବେ ବି ୧୨,୮୯୧ଟି ଖାଲି ପଡିଛି। ଆରୋଗ୍ୟ ହାର

ଟି ଟାଇମ୍

ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ଟର୍ମିନେଟର୍ ବ୍ୟକ୍ତି

ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟରରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକ୍ଷ ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ମାର୍ଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

ପୁରାଣ କାହାଣୀ

ରାଜାଙ୍କ ଗର୍ବ ଖର୍ବ ହେଲା

ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ

ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

ବାଲି ନିର୍ମିତ ହୋଟେଲ୍

ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ

ଅପରୂପ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ ସ୍ଥଳ ମା'ବାଳକୁମାରୀ

ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର କେତେକ ଐତିହାସିକ ସ୍ଥାନ ଓ ପର୍ଯ୍ୟଟନ ସ୍ଥଳ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦର୍ଯ୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ। ରାଜ୍ୟର ଅନ୍ୟତମ ସୁପ୍ରସିଦ୍ଧ ଶକ୍ତିପୀଠ ତଥା ପର୍ଯ୍ୟଟନ ସ୍ଥଳ ବାଳକୁମାରୀ ମନ୍ଦିର ତଥା ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳ ମଧ୍ୟରେ ଥିବା ବିଭିନ୍ନ ପ୍ରାକୃତିକ ଅପରୂପ ଦୃଶ୍ୟରାଜି ପର୍ଯ୍ୟଟକ ମାନଙ୍କ ପାଇଁ ଦେଖିବା ଭଳି ହୋଇଛି।

ମା'ବାଳକୁମାରୀ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ତଥା ପବିତ୍ର ସ୍ଥାନ ଭାବରେ ପରିଚିତ। ପ୍ରତିଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମୁଖ୍ୟତଃ ଦକ୍ଷିଣ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶରୁ ମା'ବାଳକୁମାରୀଙ୍କ ପୂଜାର୍ଚ୍ଚନା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ସୁଉଚ୍ଚ ପାହାଡ଼ ଉପରେ ମା' ବାଳକୁମାରୀଙ୍କର ଭବ୍ୟ ମନ୍ଦିର ଶୋଭା ପାଉଛି।

ଇତିହାସରୁ ଜଣାଯାଏ ଯେ, ପୁରୀ ଗଜପତି ରାଜବଂଶର ସାମନ୍ତ ଭ୍ରାତା କେଶବ ଚନ୍ଦ୍ର ରାଉତରାୟ ୮୮୨ ଖ୍ରୀଷ୍ଟାବ୍ଦରେ ବାଦାଗିରି ନିଘଞ୍ଚ ବନାଞ୍ଚଳରେ ଦେବୀଙ୍କୁ ବିଜେ କରାଇଥିଲେ। ସେ ଶ୍ରୀମନ୍ଦିରରୁ ମା' ମଙ୍ଗଳାଙ୍କ ବାଳକୁମାରୀ ବେଶ ସଜ୍ଜିତ ଅବସ୍ଥାରେ ଆଙ୍କାମାଳ ଧରି ଦକ୍ଷିଣ ଓଡ଼ିଶା ଅଭିମୁଖେ ଯାତ୍ରା କରି ଏହି ବଣ ଭିତରେ ବିଗ୍ରହ ପ୍ରତିଷ୍ଠା କରିଥିଲେ। ପରେ ରାଜା କେଶବ ଚନ୍ଦ୍ର ରାଉତରାୟଙ୍କ ଚତୁର୍ଦ୍ଦଶ ପିଢିର ଦାୟାଦ ଲୋକନାଥ ରାଉତରାୟଙ୍କୁ କେରାଣ୍ଡିମାଳ



ପାହାଡ଼ର ତ୍ରିକୁଟୀ ଗହ୍ୱରରେ ଦେବୀଙ୍କ ବିଗ୍ରହ ମିଳିଥିଲା। ସେ ହିଁ ଏଠାରେ ପୀଠ ସ୍ଥାପନ କରି ମାତାଙ୍କ ପୂଜା ଆରମ୍ଭ କରିଥିଲେ। ମା' ବାଳକୁମାରୀ ଚିକିଟି ରାଜ ପରିବାରର ଇଷ୍ଟଦେବୀ ଭାବେ ପୂଜିତା। ମା' ବାଳକୁମାରୀଙ୍କ ମନ୍ଦିର ଓ ମହାତ୍ମ୍ୟ ଏହି ଅଞ୍ଚଳରେ ବେସ୍ ପ୍ରସିଦ୍ଧ।

ଭକ୍ତ ଓ ଶ୍ରଦ୍ଧାଳୁମାନେ ମାତାଙ୍କ ମନ୍ଦିର ପାଖରେ ପହଞ୍ଚିବାକୁ ଦୁଇଟି ରାସ୍ତା ରହିଛି। ପ୍ରଥମତଃ ସଡ଼କ ପଥରେ ଦୁଇ ଚକିଆ ବା ଚାରିଚକିଆ ଯାନରେ ଯାଇ ମାତାଙ୍କ ମନ୍ଦିର ପାଖରେ ପହଞ୍ଚି ହେବ। ପାହାଡ଼ ତଳୁ ସୁଦୀର୍ଘ ପକ୍କା ରାସ୍ତା ଅଙ୍କା-ବଙ୍କା ହୋଇ ଲମ୍ବିଛି ଉପରକୁ ଉପରକୁ। ପାହାଡ଼ ମାନଙ୍କ ଭିତରେ ପ୍ରକୃତି ନିଜର ଅପରୂପ ସୌନ୍ଦର୍ଯ୍ୟ ମଧ୍ୟ ପରିପ୍ରକାଶ କରିଥାଏ। ଏହାର ଚାରି ପାଖରେ ଉଚ୍ଚ ଉଚ୍ଚ ପାହାଡ଼ୀ ଜଙ୍ଗଲ ଗୁଡ଼ିକ ଛନ୍ଦାଛନ୍ଦି ହୋଇ ନିଜ ନିଜର ଶୋଭା ପ୍ରଦର୍ଶନ କରୁଛନ୍ତି। ଆହୁରି ମଧ୍ୟ ପାହାଡ଼ୀ ଘାଟୀର କମନୀୟ ଦୃଶ୍ୟ ବିଭୋର କରି ଦେଇଥା ଏ ପର୍ଯ୍ୟଟକ ମାନଙ୍କୁ। ଚତୁର୍ଦିଗରେ ଥିବା ସୁଉଚ୍ଚ ଗଛ ଲତା ଆଉରି ମନ ମୋହି ନେଇଥାଏ ପର୍ଯ୍ୟଟକ ମାନଙ୍କର। ସୂର୍ଯ୍ୟଙ୍କର ରକ୍ତିମ କିରଣ ଏମାନଙ୍କ ଉପରେ ପଡ଼ି ଅପୂର୍ବ ସୌନ୍ଦର୍ଯ୍ୟ ସୃଷ୍ଟି କରିଥାଏ। ଆଉ ପାହାଡ଼ର ଉପରି ଭାଗରେ ପହଞ୍ଚିବା ପରେ ପ୍ରକୃତିର ସେହି ସୁନ୍ଦର ଶୋଭାକୁ ଦେଖି ଆନନ୍ଦରେ ନାଚି ଉଠେ ମନ ଓ ହୃଦୟ। ଏହି ସ୍ଥାନର ସୌନ୍ଦର୍ଯ୍ୟତା, ସୁନ୍ଦୁରିଆ ଫୁଲ ମାନଙ୍କର ମନମୋହକ ବାସ୍ନା ଓ ପକ୍ଷୀମାନଙ୍କର ସୁମଧୁର କଳରବ ଏହି ଅଞ୍ଚଳକୁ ବେଶ୍ କମନୀୟ କରିଥାଏ। ଦ୍ୱିତୀୟତଃ ତୀର୍ଥଯାତ୍ରୀ ମାନେ ପାହାଡ଼ ଉପରକୁ ୧,୨୪୦ ପାହାଚ ଚାଲିବା ପରେ ମା' ବାଳକୁମାରୀଙ୍କ ମନ୍ଦିରର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିଥାନ୍ତି। ବାସ୍ତବରେ ୧,୨୪୦ ପାହାଚ ଅତିକ୍ରମ କରିବା ବହୁ କଷ୍ଟକର। ତଥାପି ଏଥିରେ ଏକ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଆମ ହିନ୍ଦୁ ସମାଜରେ ତପସ୍ୟା ଏବଂ ପୂଜାର ମହତ୍ତ୍ୱ ଅତି ପ୍ରାଚୀନ କାଳରୁ ପରମ୍ପରା ଯୋଡ଼ି ହୋଇ ରହିଛି। ଭାରତର ଅଧିକାଂଶ ଦେବୀ ଦେବତାଙ୍କ ମନ୍ଦିର ପ୍ରାୟତଃ ସୁଉଚ୍ଚ ପାହାଡ଼ ଉପରେ ଅବସ୍ଥିତ କିମ୍ବା ଅତି କଷ୍ଟକର ସ୍ଥାନରେ ଅବସ୍ଥିତ। ଏଣୁ ସେହି ମନ୍ଦିର ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ପହଞ୍ଚିବା ଅତ୍ୟନ୍ତ କଠିନ ଓ ପୀଡ଼ାଦାୟକ ହୋଇଥାଏ। ମାତ୍ର ଆଧ୍ୟାତ୍ମିକ ଜୀବନର ରାସ୍ତା ବହୁ କଠିନ ଓ ଅପେକ୍ଷା ଦାୟକ ହୋଇଥାଏ। ଏଣୁ କଷ୍ଟ-ଯନ୍ତ୍ରଣାକୁ ଚିନ୍ତା ନକରି ମାତା ବାଳକୁମାରୀଙ୍କ ଅପର୍ଯ୍ୟାପ୍ତ ଶକ୍ତିର ଦୃଢ ବିଶ୍ୱାସୀ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ଭକ୍ତ ତଥା ଶ୍ରଦ୍ଧାଳୁ ମାନେ ପ୍ରତିଦିନ ଏହି ସ୍ଥାନକୁ ପୂଜାର୍ଚ୍ଚନା କରିବାକୁ ଛୁଟି ଆସିଥାନ୍ତି।

ମା' ବାଳକୁମାରୀ "ଜାଗ୍ରତ"ଦେବୀ ରୂପରେ ଏଠାରେ ପୂଜା ପାଆନ୍ତି, ଯିଏ ସମସ୍ତ ଦୃଷ୍ଟ ଶକ୍ତିକୁ ଧ୍ୱଂସ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା' ବାଳକୁମାରୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ବର୍ଷର ସବୁ ସମୟରେ ମା' ବାଳକୁମାରୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମା' ବାଳକୁମାରୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ମା'ବାଳକୁମାରୀଙ୍କ ମନ୍ଦିରରେ ସମସ୍ତ ପର୍ବପର୍ବାଣୀ ପାଳନ ହେଇଥାଏ। ସେଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଂକ୍ରାନ୍ତି ଉତ୍ସବ ଗୁରୁତ୍ୱପୂର୍ଣ୍ଣ। ମାସର ପ୍ରତି ସଂକ୍ରାନ୍ତିରେ ମା' ବାଳକୁମାରୀଙ୍କ ସଂକ୍ରାନ୍ତି ଉତ୍ସବ ଧୂମଧାମ୍‌ରେ ପାଳନ କରାଯାଇଥାଏ। ଏହା ସହିତ ପ୍ରତି ମଙ୍ଗଳବାର ଦିନ ମଧ୍ୟ "ମଙ୍ଗଳବାର ପର୍ବ" ମହା ସମାରୋହରେ ପାଳିତ ହୋଇଥାଏ। ସଂକ୍ରାନ୍ତି ଓ ମଙ୍ଗଳବାର ଦିନ ମା' ବାଳକୁମାରୀଙ୍କ ଦର୍ଶନ କରିବା ପାଇଁ ଏକ ଧାର୍ମିକ ମହତ୍ତ୍ୱପୂର୍ଣ୍ଣ ଦିନ ବୋଲି କୁହା ଯାଇଥାଏ। ସେହିପରି ପବିତ୍ର ଦୁର୍ଗା(ଦଶହରା) ପୂଜା ତଥା ନବରାତ୍ର ଉତ୍ସବ ଏଠାରେ ଖୁବ୍ ଧୂମଧାମ୍‌ରେ ପାଳନ କରା ଯାଇଥାଏ। ଏହି ଅବସରରେ ଏଠାରେ ସ୍ୱତନ୍ତ୍ର ପୂଜାର ଆୟୋଜନ ହୋଇଥାଏ। ଏହି ଦିନ ସଂପୂର୍ଣ୍ଣ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ମନ ଓ ହୃଦୟକୁ ଅପାର ଶାନ୍ତି ପ୍ରଦାନ କରିଥାଏ।

ଏହି ସ୍ଥାନରେ ପର୍ଯ୍ୟଟନର ବ୍ୟାପକ ସୁଯୋଗ ରହିଛି। ବିଶ୍ୱର ଅନେକ ବିକଶିତ ଦେଶ ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ ଯୋଗୁ ଆଗକୁ ବଢିଥିବା ନଜିର ରହିଛି। ମାତ୍ର ଆମ ଦେଶରେ ଏଇ ଧାରଣ, ଧାରଣାରେ ହିଁ ରହିଯାଇଛି। ଏ କ୍ଷେତ୍ରରେ ରାଜ୍ୟ ପର୍ଯ୍ୟଟନ ବିଭାଗର ସକ୍ରିୟ ଭୂମିକା ଆବଶ୍ୟକ। ଓଡ଼ିଶାର ଅନେକ ଅପରୂପ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଆବଶ୍ୟକ ହୋଇ ପଡ଼ିଛି। ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରକୁ "ବିଜୁ ପର୍ଯ୍ୟଟନ କ୍ଷେତ୍ର"ନାମରେ ନାମିତ କରାଯାଇ ପାରେ। ଦେଶ-ବିଦେଶର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିଥିବା କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ମତରେ, ବିଶ୍ୱର ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ର ଠାରୁ ଆମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଓ ଐତିହାସିକ ସ୍ଥାନ ବହୁ ଗୁଣରେ ଉନ୍ନତ, କମନୀୟ ଓ ଦର୍ଶନୀୟ। ମୁଖ୍ୟତଃ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଆଦି ଶକ୍ତିପୀଠ 'ମା' ତାରାତାରିଣୀ', ମା' 'ବାଳକୁମାରୀ',ଭୈରବୀ ମନ୍ଦିର, ସିଦ୍ଧ ବିନାୟକ ମନ୍ଦିର, ନାରାୟଣୀ ଦେବୀ ମନ୍ଦିର, ପଞ୍ଚୁ ମହାଦେବ ମନ୍ଦିର, ଗୋପାଳପୁରର ମନୋରମ ସମୁଦ୍ର ବେଳାଭୂମି, ଋଷିକୂଲ୍ୟା ମୁହାଣର ବିରଳ ଅଲିଭ୍‌ରିଡ଼ଲେ,

ଆର୍ଯ୍ୟପାଲି, ତପ୍ତପାଣି ଭଳି ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ଐତିହାସିକ ସ୍ଥାନ ଗୁଡ଼ିକ ରହିଛି। ଏଥି ସହିତ ସମୁଦ୍ର ଉପକୂଳରୁ ଆରମ୍ଭ କରି ଅପରୂପ ପ୍ରାକୃତିକ ଦୃଶ୍ୟ ଆଦିକୁ ନେଇ ଏକ ବିଶାଳ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ନିଷ୍ଠା ଓ ଆନ୍ତରିକତାର ଆବଶ୍ୟକତା ରହିଛି। ତେବେ ଗଞ୍ଜାମ ଜିଲ୍ଲାରେ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲ୍ଲାର ସାଂସଦ ଓ ବିଧାୟକ ମାନେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଗଭୀର ଆଶା ରଖିଛନ୍ତି।

କେମିତି ଯିବେ: ଆପଣ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ସଡ଼କ ପଥରେ କିମ୍ବା ରେଳ ପଥରେ ୨୦୮ କିଲୋମିଟର ଦୂର ଅତିକ୍ରମ କରି ମା'ବାଳକୁମାରୀଙ୍କ ମନ୍ଦିରରେ ପହଞ୍ଚି ପାରିବେ। ଏଠାରୁ ନିକଟସ୍ଥ ରେଳ ଷ୍ଟେସନ୍ ବ୍ରହ୍ମପୁର ମାତ୍ର ୩୦ କିଲୋମିଟର ଦୂର। ସେହିପରି ମା'ବାଳକୁମାରୀଙ୍କ ମନ୍ଦିର ଚିକିଟି ସହରରୁ ମାତ୍ର ୩ କିଲୋମିଟର ଦୂର। ଏହାର ଠିକ୍ ଡ଼ାହାଣକୁ ବ୍ରହ୍ମପୁର-ଚିକିଟି ରାଜ୍ୟ ରାଜପଥ ଲମ୍ବିଛି। ଯାତ୍ରୀ ମାନଙ୍କର ସୁବିଧାରେ ରହଣୀ ପାଇଁ ସବୁଠୁ ନିକଟତମ ସ୍ଥାନ ହେଉଛି ଗିରିଷୋଳା ନାମକ ଏକ ମନୋରମ ସ୍ଥାନ। ଏହା ଏଠାରୁ ମାତ୍ର ୧୬ କିଲୋମିଟର ଦୂର। ଏହି ରାସ୍ତାରେ ଥିବା ବାବା ଧବଳେଶ୍ୱର ମନ୍ଦିର ପାଖରୁ ଷୋରଳ ପର୍ଯ୍ୟନ୍ତ ଝାଉଁବଣରେ ଆଚ୍ଛାଦିତ, ଯାହା ପର୍ଯ୍ୟଟକ ମାନଙ୍କ ପାଇଁ ଅପରୂପ ପ୍ରାକୃତିକ ବିଭବରେ ଭରପୁର। ପର୍ଯ୍ୟଟକମାନଙ୍କ ପାଇଁ ଏଠାକୁ ଭ୍ରମଣରେ ଆସିବାର ପ୍ରକୃଷ୍ଟ ସମୟ ହେଉଛି ଅକ୍ଟୋବର ମାସରୁ ଜୁନ୍ ମାସ।

ଶରତ କୁମାର ରାଉତ, ଭୁବନେଶ୍ୱର/ମୋ: ୯୩୩୭୩୬୯୪୪୮

କେନ୍ଦୁଝର ସହରରେ ବଢୁଛି ଟ୍ରାଫିକ ସମସ୍ୟା, ମୁଖ୍ୟ ରାସ୍ତାରୁ ଅବରୋଧ ହଟିବ କେବେ, ସବୁ ଜାଣି ପ୍ରଶାସନ ଚୁପ

କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରାଞ୍ଚଳରେ ମାଳ ମାଳ ବେଆଇନ ଘର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ରାସ୍ତା ପାର୍ଶ୍ୱରେ ଠେଲା ବେପାରୀଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ବିନା ପାର୍କିଂରେ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଫଳରେ ସହରରେ ସଂକୀର୍ଣ୍ଣ ରାସ୍ତା ଏବଂ ଭିଡ ଯୋଗୁ ଚାଲି କି ଯିବା ମଧ୍ୟ କଷ୍ଟକର ହୋଇ ପଡୁଛି। ଲଜ୍,ହୋଟେଲ,ମାର୍କେଟ କଂପ୍ଲେକ୍ସ ଠାରୁ ଆରମ୍ଭ କରି ମଲ ଯାଏ ପାର୍କିଂ ବ୍ୟବସ୍ଥା ନାହିଁ। ଫଳରେ ମୁଖ୍ୟ ରାସ୍ତା ଉପରେ ବେଆଇନ ପାର୍କିଂ ବଢୁଛି। ଅନେକ ସମୟରେ ଦୁର୍ଘଟଣାଗଟି ଧନଜୀବନ ହାନୀ ଘଟୁଛି। କେନ୍ଦୁଝର ସହରରେ ବେଆଇନ ଅଟ୍ଟାଳିକା ଏକ ସମସ୍ୟାଭାବେ ମୁଣ୍ଡ ଟେକିଥିବାବେଳେ, ପୌରପାଳିକାର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ । ବିଶେଷ କରି ବ୍ୟବସାୟିକ ପ୍ରତିଷ୍ଠାନ ଅନଧିକୃତ ନିର୍ମାଣ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ସହରାଞ୍ଚଳରେ ଏବେ ଅଧିକ ଜବରଦଖଲ ବୃଦ୍ଧି ପାଉଥିଲେ ମଧ୍ୟ ଏହାର ଉଚ୍ଛେଦ ନିର୍ଦ୍ଦେଶ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ସରକାରୀ ଜମି,ସର୍ବସାଧାରଣ ରାସ୍ତା,ପଡିଆ,ଜଳାଶୟ ଆଦି ଜବରଦଖଲକାରୀଙ୍କ କବଜାରେ ରହିଥିବା ଜଣାଯାଏ। ରାଜସ୍ୱ ବିଭାଗ ଏବଂ ପୌର ପ୍ରଶାସନ ସବୁ ଦେଖି ସବୁ ଶୁଣି ନ ଜାଣିଲା ପରି ଅଭିନୟ କରିବାରେ ଲାଗିଛନ୍ତି। ଏପରିକି କେନ୍ଦୁଝର ସଦର ମଧ୍ୟସ୍ଥିତ ମୁଖ୍ୟସ୍ଥଳୀରେ ଜବରଦଖଲ ହୋଇଥିବା ଏକ ରାସ୍ତାରୁ ଜବରଦଖଲ ହଟାଇବା ଲାଗି ସ୍ଥାନୀୟ ସଦର ତହସିଲଦାର ଓ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଅବହେଳାରୁ ଓ ଅପାରଗତା ଏଥିପାଇଁ ଦାୟୀ ବୋଲି ସମାଲୋଚନା ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲାର ସଦର ମହକୁମାରେ ମୁଖ୍ୟରାସ୍ତା ଏବେ ଜବରଦଖଲକାରୀଙ୍କ ପାଇଁ ସ୍ୱର୍ଗ ହୋଇଛି । ବିନା ପ୍ଲାନରେ ବଡ ବଡ କମର୍ସିଆଲ ଅଟ୍ଟାଳିକା ନିର୍ମାଣ ହେଉଥିଲେ ହେଁ ପଦକ୍ଷେପ ନିଆଯାଉନାହିଁ। ଯେଉଁ ଘରଗୁଡିକ ପ୍ଲାନ ନେଇ ଘର କରୁଛନ୍ତି ବିନା ପାର୍କିଂରେ ଘର ନିର୍ମାଣ ହୋଇଥିଲେ ହେଁ ପୌରପାଳିକା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଦିନକୁ ଦିନ କେନ୍ଦୁଝର ସହରରେ ବେଆଇନ ନିର୍ମାଣ ବଢୁଛି। ଲାବଣ୍ୟ ଛକଠାରୁ ମାଇନିଂ ସ୍କୁଲ, ଗାନ୍ଧୀ ଛକଠାରୁ ମଣ୍ଡୁଆ, ତେଲକୋଇ ବସଷ୍ଟପଠାରୁ କରଞ୍ଜିଆ ବସ ଷ୍ଟପ ପର୍ଯ୍ୟନ୍ତ ଦୈନନ୍ଦିନ ରାସ୍ତା ଜାମ ରହୁଛି। ସହରର ଜନସଂଖ୍ୟା ବଢୁଥିବାବେଳେ ପାର୍କିଂ ପାଇଁ ସ୍ଥାନ ରହୁନଥିବାରୁ ରାସ୍ତାରେ ଗାଡିମୋଟର ରହୁଛି। ଫଳରେ ମୁଖ୍ୟ ରାସ୍ତାରେ ଗାଡି ମୋଟର ଯିବାରେ ବାଧା ସୃଷ୍ଟି ହେଉଛି। ବିଭାଗିୟ ଅଧିକାରୀ ଏବଂ ପ୍ରଭାବଶାଳୀ ବ୍ୟବସାୟୀଙ୍କ ସଲାସୁତରାରେ ଜନଗହଳି ପୂର୍ଣ୍ଣ ସ୍ଥାନରେ ବ୍ୟବସାୟିକ ଘର ନିମାଣ ହେଉଛି। ସହର ମଧ୍ୟରେ ଆମ୍ବୁଲାନ୍ସ ମଧ୍ୟ ଅନେକ ସମୟରେ ଟ୍ରାଫିକ ଜାମରେ ଅଟକି ରହୁଛି। କେନ୍ଦୁଝର ସହରର କୃଷକ ବଜାରଠାରେ ଏକ କମର୍ସିଆଲ ଘର ବିନା ପ୍ଲାନରେ ନିର୍ମାଣ ହେଉଛି। ପୌର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ କଲେ ମଧ୍ୟ ଏହାକୁ ଖାତିର ନକରି ଘର ନିର୍ମାଣ ହେଉଛି। ପାର୍କିଂ ନଥାଇ ବିନା ପ୍ଲାନରେ ଘର ନିର୍ମାଣ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନେକ ସମୟରେ ଅଭିଯୋଗ ହେଲେ ନାମକୁ ମାତ୍ର ନୋଟିସ କରାଯାଉଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନେକ ଘର ନିର୍ମାଣ ସରିଲା ପରେ ପ୍ଲାନ ମଞ୍ଜୁର ହେଉଛି। ପ୍ଲାନ ମଞ୍ଜୁର ହେବା ପୂର୍ବରୁ ଏହାର ଯାଂଚ ହେଉନାହିଁ। ପୌର କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ପ୍ଲାନ ମଂଜୁର କରାଯାଉଥିବା ଅଭିଯୋଗ ହୋଇଛି। ବ୍ୟବସାୟ ପ୍ରତିଷ୍ଠାନ ପ୍ଲାନ ମଂଜୁର ପରେ ନିଜ ଇଚ୍ଛାରେ କାମ କରୁଛନ୍ତି। ତଦାରଖ ହେଉନଥିବାରୁ ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ଭଡା ଦେଇ ଦେଉଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇ ସମସ୍ୟା ସୃଷ୍ଟି କରୁଛି। ସରକାରୀ ଜାଗାରେ ରାସ୍ତା ଓ ଗୃହ ନିର୍ମାଣ ବା ପିଡବୁଡି ଏପରି ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ କରିଛି ଯେ, ଏହା ସହରକୁ ଆସୁଥିବା ଲୋକଙ୍କୁ କେବଳ ଅସୁବିଧାରେ ପକାଉଛି ତାହା ନୁହେଁ; ଏହା ବାରମ୍ବାର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ଏବେ ସଡକ ସୁରକ୍ଷା ମାସ ଚାଲିଥିବାବେଳେ ସଡକକୁ ଅବରୋଧ କରୁଥିବା ବ୍ୟକ୍ତିଙ୍କ ପାଇଁ ନିୟମ କୋହଳ ହୋଇଯାଇଥିବା ଆଲୋଚନା ହେଉଛି । ଅବରୋଧକାରୀ ମାନେ ଅତି ଚତୁରତାର ସହ ସରକାରୀ ଯନ୍ତ୍ରୀମାନଙ୍କୁ ଧରି କେନ୍ଦୁଝର ସଦରମହକୁମାର ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ କରି ରାସ୍ତାକୁ ବର୍ଷ ବର୍ଷ ଧରି ଅବରୋଧ କରିଚାଲିଛନ୍ତି । ବ୍ୟବସାୟିକ ପ୍ରତିଷ୍ଠାନ ଓ ବାସଗୃହ ସମ୍ମୁଖ ସରକାରୀ ଜାଗାକୁ ଛାଡି ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ଦ୍ୱାରା ଉଚ୍ଚ ଡ୍ରେନ କରିବା ଯୋଗୁଁ ଏହା ରାସ୍ତା ଅବରୋଧର ପ୍ରମୁଖ କାରଣ ହୋଇଛି । କିଛି ବ୍ୟବସାୟୀଙ୍କ ସଲାସୁତରା ଓ ଅସାଧୁ ମେଂଟ ନେଇ ଏପରି ତ୍ରୁଟିଯୁକ୍ତ ଡ୍ରେନ ନିର୍ମାଣ କରାଯିବା କଥା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ, ପୂର୍ତ୍ତ ବିଭାଗ ଓ ପୌରପାଳିକା ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି । ସେହିପରି ଲାବଣ୍ୟ ଲଜ ଛକ ଅଂଚଳରେ ଏକାଧିକ ବସ୍ ରହଣି ବହୁ ସମୟ ଧରି ଛିଡା ହୋଇ ରହୁଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଛି । କେନ୍ଦୁଝର ସହରର ମୁଖ୍ୟ ଟ୍ରାଫିକ ଗାନ୍ଧୀ ଛକରେ କେତେକ ବ୍ୟବସାୟୀକ ଘର ବିନା ପାର୍କିଂରେ ନିର୍ମାଣ ହୋଇଛି। ୪ ମହଲା ବିଶିଷ୍ଟ ମାର୍କେଟ କଂପ୍ଲେକ୍ସ ବିନା ପାର୍କିଂରେ କିପରି ଅନୁମତି ପାଇଲା ତାହା ତଦନ୍ତସାପେକ୍ଷ। ପାର୍କିଂ ସୁବିଧା ନଥିବାରୁ ଏଠାକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ଗାଡି ରଖୁଛନ୍ତି। ପର୍ବପର୍ବାଣି ସମୟରେ ଏଠାରେ ଟ୍ରାଫିକ ସମସ୍ୟା ଉଗ୍ରରୂପ ନେଉଛି। ବିଶାଳକାୟ କଂପ୍ଲ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଜାନୁଆରୀ ୨୧

ରାଜ୍ୟରେ ଜଙ୍ଗଲ ବୃଦ୍ଧି

ବିଶ୍ୱ ଜଳବାୟୁ ପରିବର୍ତନ, ତାପମାତ୍ରା ବୃଦ୍ଧି ସମଗ୍ର ମାନବ ସମାଜ ଏବଂ ଜୀବଜଗତ ପ୍ରତି ଗୁରୁ ବିପଦ ସୃଷ୍ଟି କରିଥିବା ଏବଂ ପ୍ରାକୃତିକ ବିପର୍ଯ୍ୟୟର ସତର୍କ ଘଂଟି ହୋଇଥିବାବେଳେ ଭାରତ ପାଇଁ ସୁଖଦ ଖବରଟି ହେଉଛି ଦେଶରେ ଜଙ୍ଗଲ ଓ ଗଛ ସଂଖ୍ୟା ବୃଦ୍ଧି । କହିବା ବାହୁଲ୍ୟ ଯେ, ଦେଶରେ ଜଙ୍ଗଲ କ୍ଷୟ ଏବଂ ବିକାଶ ନାମରେ ଆଖିବୁଜା ଗଛକଟା ପରିବେଶ ପ୍ରତି ବିପଦର କାରଣ ହୋଇଛି ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି । ଗତ ସପ୍ତାହରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ଡେରାଡୁନସ୍ଥିତ ସ୍ୱୟଂଶାସିତ ସଂସ୍ଥା ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ଦ୍ୱାରା ଭାରତୀୟ ରାଜ୍ୟସମୂହ ଜଙ୍ଗଲ ରିପୋର୍ଟ (ଆଇଏସଏଫଆର)-୨୦୨୧ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୯ ମସିହା ତୁଳନାରେ ଦେଶରେ ୨୦୨୧ରେ ମୋଟ ୨.୨୬୧ ବର୍ଗ କିମି/ଜଙ୍ଗଲ ଓ ବୃକ୍ଷରାଜି ଅଂଚଳ ବୃଦ୍ଧି ପାଇଛି । ଦେଶରେ ମୋଟ ୮୦.୯ ନିୟୁତ ହେକ୍ଟର ଅଂଚଳରେ ଜଙ୍ଗଲ ଓ ବୃକ୍ଷ ରହିଛି, ଯାହାକି ଦେଶର ମୋଟ ଭୌଗୋଳିକ ଆୟତନର ୨୪.୬୨ ପ୍ରତିଶତ । ଅର୍ଥାତ୍ ଦେଶର ମୋଟ ଭୂଖଣ୍ଡ ଭୌଗୋଳିକ ଆୟତନର ଏକ ଚତୁର୍ଥାଂଶରୁ ଊର୍ଦ୍ଧ୍ୱ ଜଙ୍ଗଲ ରହିଛି । ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି

ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତନ ଏବଂ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଅହେତୁକ ବୃଦ୍ଧି ଉଦ୍‌ବେଗର କାରଣ ହୋଇଥିବାବେଳେ ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଖବର । ଏହାସତ୍ତ୍ୱେ ଆଉ ଏକ ଉଦ୍‌ବେଗର କାରଣ ହେଉଛି ଉତର-ପୂର୍ବାଂଚଳ ରାଜ୍ୟଗୁଡିକରେ ଗତ ଦୁଇବର୍ଷରେ ୧୦୨୦ ବର୍ଗ କିମି ଜଙ୍ଗଲ କ୍ଷୟ ହୋଇଥିବା ବେଳେ ଦେଶର ୫୨ଟି ବ୍ୟାଘ୍ର ଅଭୟାରଣ୍ୟ ଏବଂ ଗିରି ସିଂହ ସଂରକ୍ଷଣ ବ୍ୟାଘ୍ର ଅଭୟାରଣ୍ୟରେ ଗତ ଦଶନ୍ଧି ଧରି ଜଙ୍ଗଲ କ୍ଷୟ ଜାରି ରହିଛି । ସେହିପରି ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡିକରେ କ୍ରମାଗତ ଭାବେ ଜଙ୍ଗଲ କ୍ଷୟ ବୃଦ୍ଧି ପାଇବାରେ ଲାଗିଛି । ଆହୁରି ମଧ୍ୟ ଗତ ୨୦୨୦ ନଭେମ୍ବରଠାରୁ ୨୦୨୧ ଜୁନ ମଧ୍ୟରେ ଦେଶରେ ୩,୪୫,୯୮୯ଟି ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁଁ ବ୍ୟାପକ ବୃକ୍ଷରାଜି କ୍ଷୟକ୍ଷତି ଘଟିଛି, ଯାହାକି ଗତ ଦଶନ୍ଧି ମଧ୍ୟରେ ସର୍ବାଧିକ । ସେହିପରି ଆଇଏସଏଫଆର ପ୍ରଥମ ଥର ପାଇଁ ତାର ମାନଚିତ୍ରରେ ଜଳବାୟୁ ସଂକଟ ଯୋଗୁଁ ୨୦୩୦ ମସିହା ସୁଦ୍ଧା ୪୫ ପ୍ରତିଶତରୁ ୬୪ ପ୍ରତିଶତ ପର୍ଯ୍ୟନ୍ତ ଜଙ୍ଗଲରେ ଏହାର ପ୍ରଭାବ ପଡ଼ିବ ବୋଲି ଚେତାବନୀ ଦେଇଛି । ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ । ଅନ୍ୟପକ୍ଷରେ ଆଇଏସଏଫଆର ରିପୋର୍ଟ ଅନୁଯାୟୀ ୨୦୧୯-୨୦ ବର୍ଷରେ ରାଜ୍ୟରେ ୫୩୭.୪୪ ବର୍ଗ କିମି ଜଙ୍ଗଲ ଅଭିବୃଦ୍ଧି ଘଟିଛି, ଯାହା



ରାଜ୍ୟର ଜଙ୍ଗଲ, ବୃକ୍ଷ ଏବଂ ପରିବେଶବିତ୍‌ମାନଙ୍କ ପାଇଁ ଅତ୍ୟନ୍ତ ଉତ୍ସାହଜନକ । କେବଳ ଏତିକି ନୁହେଁ, ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଓଡିଶା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି । ରାଜ୍ୟ ପାଇଁ ଆଉ ଏକ ସୁଖଦ ଖବର ହେଉଛି ହେନ୍ତାଳ ବଣ ଅଭିବୃଦ୍ଧି । ହେନ୍ତାଳ ବଣ ଅଭିବୃଦ୍ଧିରେ ରାଜ୍ୟ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ଭୟାବହ ଅଗ୍ନିକାଣ୍ଡ ସତ୍ତ୍ୱେ ଗତ ଦୁଇବର୍ଷରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦେଶର ଶ୍ରେଷ୍ଠ ତିନୋଟି ସ୍ଥାନ ମଧ୍ୟରେ ରହିଛି । ଆଇଏସଏଫଆର-୨୦୨୧ ରିପୋର୍ଟ ଅନୁଯାୟୀ ରାଜ୍ୟର ସମୁଦାୟ ଭୌଗୋଳିକ ଅଂଚଳ ମଧ୍ୟରୁ ୩୩.୫ ପ୍ରତିଶତ ଜଙ୍ଗଲ ଅଂଚଳ ରହିଛି । ଯାହାକି ରାଜ୍ୟର ମୋଟ ଭୌଗୋଳିକ ଅଂଚଳର ଏକ ତୃତୀୟାଂଶ ହେଉଛି ଜଙ୍ଗଲ ଅଂଚଳ । କ୍ରମାଗତ ଜଙ୍ଗଲ ବୃଦ୍ଧି ଯୋଗୁଁ ଓଡିଶା ମଧ୍ୟ ଦେଶରେ ସ୍ୱୀକୃତି ଲାଭ କରିଛି । ଗତ ୨୦୧୭-୧୮ରେ ରାଜ୍ୟରେ ଜଙ୍ଗଲ ଅଭିବୃଦ୍ଧି ୨୩୭ ବର୍ଗ କିମି ରହିଥିବାବେଳେ ୨୦୧୯-୨୦ରେ ଏହା ପ୍ରାୟ ଦୁଇଗୁଣା ଅଭିବୃଦ୍ଧି ଘଟିଛି । ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୩ଟି ଜିଲ୍ଲାରେ ଜଙ୍ଗଲ ଅଭିବୃଦ୍ଧି ଘଟିଛି । ଏହି ୨୩ଟି ଜିଲ୍ଲାରେ ୨୪୩ ବର୍ଗ କିମି ମଧ୍ୟମ ଜଙ୍ଗଲ ଘଂଚ ଜଙ୍ଗଲରେ ପରିଣତ ହୋଇଥିବା ବେଳେ ରାଜ୍ୟର ସର୍ବାଧିକ ୮୦ବର୍ଗ କିମି ହେନ୍ତାଳ ବଣ ବୃଦ୍ଧି ପାଇଛି । ଏଥିପାଇଁ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୪ ବର୍ଗ କିମି ଅଧିକ ହେନ୍ତାଳ ବଣ ସୃଷ୍ଟିକରି ମହାରାଷ୍ଟ୍ର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ରାଜ୍ୟରେ ୧୧୩୪ ବର୍ଗ କିମି ଅଣଜଙ୍ଗଲ ବନାଂଚଳ ସୃଷ୍ଟି ହୋଇଛି । ରାଜ୍ୟରେ ଜଙ୍ଗଲ କ୍ଷୟ ରୋକି ନୂତନ ଜଙ୍ଗଲ ସୃଷ୍ଟି କରିବାରେ ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରୟାସ ଯୋଗୁଁ ଏହା ସଫଳ ହୋଇଛି । 'ଜଙ୍ଗଲ ସୁରକ୍ଷା ପ୍ରକୃତି ସୁରକ୍ଷା' ସ୍ଲୋଗାନକୁ ସରକାର ଓ ଜନସାଧାରଣ ଏହାକୁ ଧ୍ୟେୟ କରିବା ଉଚିତ୍ ।

ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

'ଆତ୍ମନିର୍ଭର ଭାରତ': ସ୍ୱପ୍ନ ଓ ସମ୍ଭାବନା !

----------ହିମାଂଶୁଶେଖର ଆଚାର୍ଯ୍ୟ----------

ସମ୍ପ୍ରତି ମାହାମାରୀ କରୋନା ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି । ଲକ୍‌ଡାଉନ ଯୋଗୁଁ ସାରା ବିଶ୍ୱରେ କୋମାରେ ଶିଳ୍ପଜଗତ । ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ । ନିକଟରେ ଏଥିରୁ ତ୍ରାହି ମିଳିବାର କୌଣସି ବାଟ ଦେଖାଯାଉନି । ଦିନକୁ ଦିନ କରୋନାଜନିତ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁକାବିଲା ପାଇଁ ଲକ୍‌ଡାଉନକୁ ସୁରକ୍ଷା କବଚ ରୂପେ ସବୁ ଦେଶ ଗ୍ରହଣ କରିଛନ୍ତି । ଆମ ଦେଶରେ ମଧ୍ୟ ଅନୁରୂପ ଅବସ୍ଥା । ସ୍ଥାଣୁ ପାଲଟିଛି ଶିଳ୍ପ ଜଗତ । ଶ୍ରମିକ ଗାଁମୁହାଁ । ଏହି ମାନ୍ଦା ଅବସ୍ଥାରୁ ମୁକୁଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି ୨୦ଲକ୍ଷ କୋଟିର 'ଆତ୍ମନିର୍ଭର ଭାରତ ଯୋଜନା' । ଏହି ଘୋଷଣାକୁ ବାସ୍ତବ ରୂପ ଦେବାକୁ ପ୍ରୟାସ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଏହି ଯୋଜନା ଅନୁଯାୟୀ ଶିଳ୍ପ, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷାଭଳି କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି ଯୋଜନା ଅର୍ଥବ୍ୟବସ୍ଥା ଉପରେ କରୋନାଜନିତ ଆଘାତକୁ ଭରଣା କରିବାରେ କେତେ ସଫଳ ହେବ, ତାହା ସମୟ କହିବ !

ଏଠାରେ ସୂଚନାଯୋଗ୍ୟ ଯେ, ସ୍ୱାଧୀନତା ପୂର୍ବରୁ ଆମର ଅର୍ଥବ୍ୟବସ୍ଥା ସ୍ଥାଣୁ ଭାବରେ ଥିଲା । କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଜ୍ଞାନ ଏବଂ କାରିଗରୀ ଇତ୍ୟାଦି ସବୁ କ୍ଷେତ୍ରରେ ଆମେ ବହୁତ ପଛୁଆ ଥିଲୁ । ସ୍ୱାଧୀନତା ପରେ ଆମ ଦେଶକୁ ଆମେ ଚଳାଇବାର ଅଧିକାର ପାଇଲୁ । ଶାସନ କରିବା ପାଇଁ ତିଆରି ହେଲା ଆମ ସମ୍ବିଧାନ । ଏହା ଭାରତକୁ ସାର୍ବଭୌମ, ଧର୍ମନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କଲା । ଇତିମଧ୍ୟରେ ୭୪ ବର୍ଷରେ ଦେଶର ସ୍ୱାଧୀନତା ପାଦ ଦେଇଥିବାବେଳେ ଭାରତୀୟ ଗଣତନ୍ତ୍ର ସମତାଳରେ ୭୧ ବର୍ଷ ଅତିକ୍ରମ କରିସାରିଛି । ଏହି ସାତ ଦଶନ୍ଧିରେ ଆମର ସଫଳତା ଓ ବିଫଳତାକୁ ଆଲୋଚନା କଲେ ଅନେକ ତଥ୍ୟ ଆଖି ସାମନାକୁ ଆସେ । ଏହି ସମୟ ମଧ୍ୟରେ ଭାରତ ବିଶ୍ୱଦରବାରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛି । ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି । ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନ ଥିଲା ସେ ଦେଶ ଆଜି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରୀରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକି ନୁହେଁ ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି । ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା, ସଫ୍ଟୱେୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି । ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୪ କୋଟି ଟପିସାରିଲାଣି । ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ ବର୍ଷରୁ ୬୮ ବର୍ଷକୁ ବୃଦ୍ଧି ପାଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ । ବହୁ ଘାତପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି ।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି, ତାହା ହେଉଛି ଏବେବି ଭାରତରେ ରହୁଛନ୍ତି ୨୮ କୋଟି ନିରକ୍ଷର, ୨୬ କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶିକାର ହେଉଥିବା ୪୨ ପ୍ରତିଶତ ଶିଶୁ । ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ । ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ । ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି ଓ ଭ୍ରଷ୍ଟାଚାର । ବିଡମ୍ବନା ହେଲା ଯେ ଏହାର ପରିମାଣ କମୁନି; ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି । ୧୯୪୮ ମସିହା ଜିପ୍ କିଣା ଦୁର୍ନୀତିଠାରୁ ଆରମ୍ଭ କରି ୧୯୯୬ରେ ହ୍ୱାଓଲା ଓ ଗୋଖାଦ୍ୟ ଦୁର୍ନୀତି, ୨୦୦୮ରେ ସେୟାର ବଜାର, ୨୦୧୦ରେ କମନୱେଲ୍‌ଥ ଗେମ୍, ୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବ୍ୟାପମ୍ ଦୁର୍ନୀତି । ଦୁର୍ନୀତି ଓ ଭ୍ରଷ୍ଟାଚାର କଥା ନକହିବା ଭଲ ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ; ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇଦେବା । ସେ ସ୍ୱପ୍ନ ଆଜି ସୁଦୂରପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । କ୍ରମାଗତ ଚାଷୀ ଆତ୍ମହତ୍ୟା ଜାରି ରହିଛି । ୫୪ କୋଟି ଯୁବକମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଢିପିଣ୍ଡା ହେଉଛନ୍ତି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇଓଳି ପେଟପୁରା ଆହାର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆରମୁହଁ ମାଡିପାରିଲେନି । ଏହାହିଁ କ୍ଷୋଭର ବିଷୟ । ଗୋଟିଏପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି ।

ବର୍ତ୍ତମାନ କରୋନା ପରି ଜାତୀୟ ବିପତି ସମୟରେ ସାରାଦେଶ ଏକଜୁଟ୍ ହେବା ଆମ ପାଇଁ ବଡ ଆଶ୍ୱାସନାର ବିଷୟ । କରୋନା କଟକଣା ସମୟରେ ଦେଶବାସୀ ଯେଉଁ ଏକତା ଓ ସଂଯମତା ଦେଖାଇଛନ୍ତି, ସେଥିପାଇଁ ସମସ୍ତେ ପ୍ରଶଂସାର ପାତ୍ର । ଏହି ସମୟରେ କୋଭିଡ୍-୧୯ ଯୋଗୁଁ କେନ୍ଦ୍ର ଓ ରାଜ୍ୟଗୁଡିକର ରାଜସ୍ୱ ଆୟ କମିଛି । ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ସହାୟତା ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ଅନୁରୋଧକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରିଛି । ତେଣୁ ଏହି ପ୍ୟାକେଜ୍‌ଗୁଡିକ ପାଇଁ ଆବଣ୍ଟନ ହୋଇଥିବା ଅର୍ଥକୁ ସଠିକ୍ ଭାବେ ବିନିଯୋଗ କରିବା ଆବଶ୍ୟକ । ତାହାହେଲେ ଯାଇ ଆମେ କରୋନାଜନିତ ମାନ୍ଦା ଅବସ୍ଥାକୁ ଭରଣା କରି ପୁଣି ଅଭିବୃଦ୍ଧି ପଥେ ଅଗ୍ରସର ହୋଇପାରିବା ।

-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

ସାହିତ୍ୟର ପ୍ରଭାବ ବନାମ ପ୍ରଚାର

----------ଡକ୍ଟର ମନୋରଞ୍ଜନ ବିଷୋୟୀ----------

ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍‌ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ ।

ଏହି ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ । କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ

ଧର୍ମଶାଳା: ଚତୁର୍ଥ ଦିନରେ ୩୦୪ ପ୍ରାର୍ଥୀପତ୍ର ଦାଖଲ

ଧର୍ମଶାଳା, (ପିଏନ୍): ଚତୁର୍ଥ ଦିନରେ ଆଜି ଧର୍ମଶାଳା ବ୍ଲକରେ ୩୦୪ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏମାନଙ୍କ ମଧ୍ୟରେ ସମିତି ସଭ୍ୟ ପଦବୀ ପାଇଁ ୪୭ଜଣ, ସରପଞ୍ଚ ପଦ ପାଇଁ ୪୧ଜଣ ଏବଂ ୱାର୍ଡସଭ୍ୟ ପଦ ପାଇଁ ୨୧୬ଜଣ ପ୍ରାର୍ଥୀ ରହିଛନ୍ତି । ଅଭୟପୁର, ଅଞ୍ଚିଆ, ଅରାବଳ, ଆରୁହା, ବଡ଼କାଏମା, ବୃନ୍ଦାଦେଈପୁର, ଜାରକା, ଜେନାପୁର, କବାଟବନ୍ଧ, ମଧୁସୁଦନପୁର, ମହିସରା, ମଙ୍ଗଳପୁର, ମର୍ଜିତାପୁର, ନେଉଳପୁର, ପଟୁଣିଆ, ପୁରୁଣାବଉଳମାଳ, ତାଳଜଙ୍ଗ, ସାହାଣିଡ଼ିହ, ସୁନ୍ଦୁରିଆ ଓ ଉତ୍ତରପ୍ରତାପ ପଞ୍ଚାୟତରେ ଜଣେ ଲେଖାଏଁ, ଅରେଇକଣା, ଦେଓଦା, ପାଖର ଓ ତରିଆ ପଞ୍ଚାୟତରେ ୨ଜଣ ଲେଖାଏଁ, ଚୋରମୁହାଁ, କ୍ଷେତ୍ରପାଳ, କୁମାରୀ, ତାଳଜଙ୍ଗ ଓ ଥାନୁଆଳ ପଞ୍ଚାୟତରେ ୩ ଜଣ ଲେଖାଏଁ ଏବଂ କୋତପୁର ପଞ୍ଚାୟତରେ ୪ଜଣ ସମିତିସଭ୍ୟ ପ୍ରାର୍ଥୀ ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଅିରା, ଅରେଇକଣା, ବଡ଼କାଏମା, ଭବାନୀପୁର, ଚହଟା, ଦେଓଦା, ଏଣ୍ଡଳବା, ଜାରକା, କୁମାରୀ, ମଧୁସୂଦନପୁର, ନେଉଳପୁର, ପାଖର, ପୁରୁଣାବଉଳମାଳ, ରେଖିଦେଈପୁର ଓ ସାହାଣିଡ଼ିହ ପଞ୍ଚାୟତରୁ ଜଣେ ଲେଖାଏଁ, ଅଭୟପୁର, ମଧୁପୁରଗଡ଼, ମଙ୍ଗଳପୁର, ସଂପାରୁ, ସୁନ୍ଦୁରିଆ ତାଳଜଙ୍ଗ ଓ ଥାନୁଆଳ ପଞ୍ଚାୟତରୁ ୨ଜଣ ଲେଖାଏଁ, କଦମପାଳରେ ୩, ଚୋରମୁହାଁରେ ୪ ଏବଂ ମିର୍ଜାପୁର ପଞ୍ଚାୟତରେ ୫ଜଣ ସରପଞ୍ଚ ପ୍ରାର୍ଥୀ ସେମାନଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏଥିସହ ସମସ୍ତ ୪୫ଟି ପଞ୍ଚାୟତରେ ୨୧୬ଜଣ ୱାର୍ଡସଭ୍ୟ ପ୍ରାର୍ଥୀ ନିଜ ନିଜର ପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଭାଗୀୟ କର୍ମଚାରୀ ରତିକାନ୍ତ ଜେନା ସୂଚନା ଦେଇଛନ୍ତି । ଏହି ବ୍ଲକର ୪୫ଟି ପଞ୍ଚାୟତ ଓ ୬୩୭ୱାର୍ଡରେ ଥିବା ବିଭିନ୍ନ ପଦବୀ ପାଇଁ ୪ ଦିନରେ ୯୦୮ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି ।

ଯୋଡା ମହିଳା ମହାବିଦ୍ୟାଳୟରେ ଅସହାୟଙ୍କୁ କୋଭିଡ୍ ସ୍ୱାସ୍ଥ୍ୟରକ୍ଷା କିଟ୍ ପ୍ରଦାନ

ଯୋଡା,(ପି.ଏନ):ଯୋଡା ମହିଳା ମହାବିଦ୍ୟାଳୟରେ ରେଡକ୍ରସ ରାଜ୍ୟ ଶାଖା ଓ ଜିଲ୍ଲା ଶାଖା ପ୍ରୟୋଜିତ କୋଭିଡ୍ ସ୍ୱାସ୍ଥ୍ୟରକ୍ଷା କିଟ୍ ଅସହାୟ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା । ରେଡକ୍ରସ ତରଫରୁ ପ୍ରଦାନ କରାଯାଇଥିବା ଏହି ସ୍ୱାସ୍ଥ୍ୟରକ୍ଷା କିଟ୍‌ରେ ୪ଟି ଲେଖାଏଁ ଦେହଲଗା ସାବୁନ ଓ ଲୁଗାଧୁଆ ସାବୁ, ମାସ୍କ, ନଡିଆ ତେଲ, ଟୁଥ୍‌ପେଷ୍ଟ, ସେଭିଙ୍ଗ ରେଜର, ସାନିଟାରୀ ପ୍ୟାଡ୍ ପ୍ରଭୃତି ରହିଛି । ଯୋଡା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି କୋଭିଡ୍ କିଟ୍ ପ୍ରଦାନ କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷା ଡଃ ମୃଦୁଳା ମହାନ୍ତି ତଦାରଖ କରିଥିଲେ । ଡିଗ୍ରୀ କଲେଜର ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ପବିତ୍ର ମୋହନ କର ଏବଂ ଜୁନିଅର କଲେଜର ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପିକା ଐଶ୍ୱର୍ଯ୍ୟାମୟୀ ପାତ୍ର ଏଥିରେ ସହଯୋଗ କରିଥିଲେ । କୋଭିଡ୍ କଟକଣା ମାନି କଲେଜର ଚାରିଜଣ ଛାତ୍ର ତଥା ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ପୂଜାରାଣୀ ସାହୁ, ସିନୁ ଗୋପ, ତେଜସ୍ୱିନୀ ବେହେରା ଓ କଳ୍ପନା ନନ୍ଦି ପ୍ରମୁଖ ଏହି ସ୍ୱାସ୍ଥ୍ୟରକ୍ଷା କିଟ୍ ବଣ୍ଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସର୍ବଶେଷରେ କଲେଜର ଅଧ୍ୟକ୍ଷା ଡଃ ମୃଦୁଳା ମହାନ୍ତି ଜିଲ୍ଲା ରେଡକ୍ରସ ମୁଖ୍ୟ ତଥା ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା ରେଡକ୍ରସର ଯୁଗ୍ମ ସମ୍ପାଦକ ଏ.ଆର. ଖାନ ଓ ଜିଲ୍ଲା ଯୁବ ରେଡକ୍ରସର ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ ଓ କିଟ୍ ନେବାକୁ ଆସିଥିବା ଅସହାୟ ଲୋକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱାର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନର୍‌ଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନର୍‌ଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବେହେରାଙ୍କ ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଳି ଓ ସ୍ମୃତିଚାରଣ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ୵ପୁରୁଷୋତ୍ତମ ବେହେରାଙ୍କ ଏକାଦଶାହ ଅବସରରେ ରାଇସୁଆଁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ହିନ୍ଦୀ ଶିକ୍ଷକ ରତ୍ନାକର ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ୵ଶ୍ରୀ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପୁଷ୍ପାଳି ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ପରେ ପ୍ରାକ୍ତନ ପରିଚାଳନା ସମିତିର ବୟୋଜ୍ୟେଷ୍ଠ ସଦସ୍ୟ ନୀଳାମ୍ବର ରାଉତ ୵ ଶ୍ରୀ ବେହେରାଙ୍କ ଶୃଙ୍ଖଳିତ ଅନୁଶାସନ ଓ ନିଃସ୍ୱାର୍ଥ ଗଠନ ମୂଳକ କାର୍ଯ୍ୟଧାରା ସମ୍ବନ୍ଧରେ ଆଲୋଚନା କରିଥିଲେ । ପ୍ରାକ୍ତନ ସହକାରୀ ଶିକ୍ଷକ ଶିରିଷ ଭୂଷଣ ରାୟ ତାଙ୍କର ଅମାୟିକ ଜୀବନଚର୍ଯ୍ୟା ଓ ଶିକ୍ଷାଦାନ ଶୈଳୀ ଉପରେ ଅଙ୍ଗେଲିଭା ଅନୁଭୂତି ବ୍ୟକ୍ତ କରିଥିଲେ । ପ୍ରାକ୍ତନ ଛାତ୍ର ଅକ୍ଷୟ କୁମାର ମିଶ୍ର, ରବି ନାରାୟଣ ରଥ, ନାରାୟଣ ମହାପାତ୍ର, ସନ୍ତୋଷ କୁମାର ବେହେରା, ରାଜେନ୍ଦ୍ର କୁମାର ସାହୁ, ଜୁବ୍‌ଲି ମିଶ୍ର, ଶାନ୍ତନୁ କୁମାର ରାଉତ, ଦୁର୍ଯ୍ୟୋଧନ ମନ୍ତ୍ରୀ, ଯଦୁମଣି ରାଉତ, ସ୍ୱପ୍ନେଶ୍ୱର ସାହୁ, ମହମ୍ମଦ ଅଲିଜିହ୍ନ, ଜୈନୁଲ ଆବେଦିନ୍, ଲମ୍ବୋଦର ସାହୁ ପ୍ରମୁଖ ୵ବେହେରାଙ୍କ ଛାତ୍ର ବସ୍ଲ ଓ ବିଦ୍ୱତ୍ତା ଉପରେ ସ୍ମୃତିଚାରଣ କରିଥିଲେ । ପ୍ରାକ୍ତନ କିରାଣୀ ଗଦାଧର ଖଟୁଆ, ଅଭିଭାବକ କେଶବ ଚନ୍ଦ୍ର ସେଠୀ,ଜନାର୍ଦ୍ଦନ ରାଉତ ଓ କାର୍ଯ୍ୟରତ ପ୍ରଧାନଶିକ୍ଷକ ସୂର୍ଯ୍ୟମଣୀ ମିଶ୍ର ୵ ବେହେରାଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସହକାରୀ ଶିକ୍ଷୟତ୍ରୀ ରଶ୍ମି ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ । ଇତ୍ୟବସରରେ ତେଲକୋଇ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ହିନ୍ଦୀ ଶିକ୍ଷକ ଓ ରାଇସୁଆଁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦୋଳଗୋବିନ୍ଦ ପରିଡା ଫୋନ୍ ଯୋଗେ ଶୋକ ବାର୍ତ୍ତା ଶୁଣାଇଥିଲେ । ସଭାପତି ଅଭିଭାଷଣରେ ଶ୍ରୀଯୁକ୍ତ ମହାନ୍ତ ୵ପୁରୁଷୋତ୍ତମ ବେହେରାଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅକ୍ଷୟ କୁମାର ମିଶ୍ର ଗୁରୁ ବନ୍ଦନା ଗାନ କରିଥିଲେ ଏବଂ ଶାନ୍ତନୁ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଡ୍ରାଇଭର ବୃତ୍ତିରୁ ରାଜନୀତି

କେନ୍ଦୁଝର,(ପି.ଏନ): କେନ୍ଦୁଝର ସଦର ବ୍ଲକ ଗୋପିନାଥପୁର ପଂଚାୟତ ସମିତି ସଭ୍ୟ ପାଇଁ ସରକାରୀ ଚାକିରୀରୁ ଅବସର ନେଇଥିଲେ ବସନ୍ତ କୁମାର ସାହୁ । ଅବସର ପରେ ଅଞ୍ଚଳର ଉନ୍ନତି ଲକ୍ଷ୍ୟରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଛନ୍ତି । ବହୁ ବର୍ଷ ଧରି ଜଣେ ଦକ୍ଷ ଚାଳକ ଭାବେ ଦାୟିତ୍ୱ ସମ୍ପାଦନା କରି ସେ ଜିଲ୍ଲାରେ ସମ୍ମାନୀତ ହୋଇଛନ୍ତି । ତାଙ୍କର ଖେଳ ପ୍ରତି ମଧ୍ୟ ରୁଚି ରହିଥିବାବେଳେ ଅଞ୍ଚଳର ଜଣେ ଶ୍ରେଷ୍ଠ ଫୁଟବଲ ଓ ଭଲିବଲ ଖେଳାଳୀ ଭାବେ ବେଶ ପରିଚିତ ଅଟନ୍ତି । ରାଜନୀତିକୁ ଆସି ଜନସେବା କରିବା ଲକ୍ଷ୍ୟରେ ସେ ସମିତି ସଭ୍ୟ ଭାବେ ଆଜି ସଦର ବ୍ଲକ କାର୍ଯ୍ୟାଳୟରେ ତାଙ୍କ ସମର୍ଥକଙ୍କ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ମାତୃ ହତ୍ୟାକାରୀକୁ ୧୦ ବର୍ଷ ଜେଲ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଅଞ୍ଚଳରେ ୨୦୧୮ ମସିହାରେ ଘଟି ଯାଇଥିବା ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାର ଗୁରୁବାର ଦିନ ରାୟ ପ୍ରକାଶ ପାଇଛି । ଦୋଷୀକୁ ୧୦ କାରାଦଣ୍ଡ ଏବଂ ୨୦ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି କେନ୍ଦୁଝର ଜିଲ୍ଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର । ଦୋଷୀଙ୍କ ନାମ ହେଲା ବିଦ୍ୟାଧର ନାୟକ(୪୦) ଓ ଘର ହରିଚନ୍ଦନପୁର ବ୍ଲକ ରେବଣାପଳା ସପାଳ ଗ୍ରାମରେ ବୋଲି ଜଣାପଡିଛି । ସେ ଗତ ୨୦୧୮ ମସିହା ଫେବୃଆରୀ ୧୦ ତାରିଖରେ ସାମାନ୍ୟ ଘଟଣାକୁ ନେଇ ତାଙ୍କ ମା' ମାଳତୀ ନାୟକ(୫୮) କୁ କାଠ ଫାଳିଆରେ ମାରି ରକ୍ତାକ୍ତ କରି ଦେଇଥିଲେ । ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା । ଏହାକୁ ନେଇ ମୃତକଙ୍କ ଭାଇ ସୁରେଶ କୁମାର ନାୟକ ଦୈତାରୀ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ କେସ ନଂ ୧୨/୨୦୧୮ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ବିଜେଡି ଓ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ବଳରାମପୁର ପଂଚାୟତର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ବଳରାମ ସାହୁ ନିଜର ସମର୍ଥକଙ୍କ ଗହଣରେ ପଂଚାୟତ କାର୍ଯ୍ୟାଳୟ ଠାରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ପୂର୍ବରୁ ଆଶାୟୀ ସରପଞ୍ଚ ପ୍ରାର୍ଥୀ ପଞ୍ଚାନନ ବେହେରା ଶେଷରେ ସମିତିସଭ୍ୟ ଭାବେ ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିପରି କଂଗ୍ରେସ ସମର୍ଥୀତ ସରପଞ୍ଚ ପ୍ରାର୍ଥୀ କଳାକର ନାୟକ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସମିତିସଭ୍ୟ ପ୍ରାର୍ଥୀ କୁଳମଣି ସାହୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଉଭୟେ ସରପଂଚ ପ୍ରାର୍ଥୀ ପୂର୍ବରୁ ବଳରାମପୁର ପଂଚାୟତର ସରପଂଚ ଭାବେ କାର୍ଯ୍ୟ କରି ଆସିଛନ୍ତି । ଖାଳିଆମେଣ୍ଢା ପଂଚାୟତର କଂଗ୍ରେସ ସମର୍ଥିତ ସରପଂଚ ପ୍ରାର୍ଥୀ ବୃନ୍ଦାବନ ଜେନା ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ପୂର୍ବତନ କଂଗ୍ରେସ ସଭାପତି ଦିଲ୍ଲୀପ ଜେନା ବ୍ଲକ କାର୍ଯ୍ୟାଳୟରେ ସମିତିସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି ।

ଚତୁର୍ଥ ଦିନ ସୁଦ୍ଧା ୨୪୦ ପ୍ରାର୍ଥୀପତ୍ର ଦାଖଲ, ସମିତିସଭ୍ୟ ୨୦, ସରପଂଚ ୫୮ ଏବଂ ୱାର୍ଡସଭ୍ୟ ୧୬୨

ଯୋଡା,(ପି.ଏନ):କେନ୍ଦୁଝର ଜିଲ୍ଲାର ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଗତ ୧୭ତାରିଖ ଠାରୁ ଆରମ୍ଭ ହୋଇ ଆଜି ୨୦ ତାରିଖ ସୁଦ୍ଧା ୪ଦିନ ମଧ୍ୟରେ ମୋଟ୍ ୨୪୦ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତନ୍ମଧ୍ୟରୁ ୨୦ ପଂଚାୟତ ସମିତିସଭ୍ୟ, ୫୮ ସରପଂଚ ଓ ୧୬୨ ୱାର୍ଡସଭ୍ୟ ପଦ ପାଇଁ ନାମାଙ୍କନ ପତ୍ର ରହିଛି । ଗତ ୧୭ତାରିଖରେ ଜଣେ, ୧୮ତାରିଖରେ ୮ଜଣ, ୧୯ ତାରିଖରେ ୭୨ଜଣ ପ୍ରାର୍ଥୀ ବିଭିନ୍ନ ପଦ ନିମନ୍ତେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଚତୁର୍ଥ ଦିନ ଅର୍ଥାତ୍ ୨୦ତାରିଖରେ ୧୫୯ପ୍ରାର୍ଥୀଙ୍କ ମଧ୍ୟରୁ ୧୪ଜଣ ପଂଚାୟତ ସମିତିସଭ୍ୟ, ୩୬ଜଣ ସରପଂଚ ଓ ୧୦୯ୱାର୍ଡସଭ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଯୋଡା ବ୍ଲକରେ ମୋଟ ୧୯ଟି ଂଚାୟତର

୮୧ହଜାର ୬୩୩ଜଣ ଭୋଟର ମତଦାନ କରିବେ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି । ଫେବୃୟାରୀ ୧୬ରୁ ୨୪ମଧ୍ୟରେ ୫ଟି

ମୋ ଓଡ଼ିଶା

ସରପଞ୍ଚ ପ୍ରାର୍ଥିନୀ ମନମୋହିନୀଙ୍କ ସପକ୍ଷରେ କାକଟପୁର ବ୍ଲକ ସଭାପତି

କୋଣାର୍କ (ପିଏନ୍): ଆଗାମୀ ତ୍ରିସ୍ତରୀୟ ପୌର ନିର୍ବାଚନ ପାଇଁ ସବୁଆଡେ ସରଗରମ ହୋଇ ଉଠୁଥିବା ବେଳେ ପ୍ରାର୍ଥୀଙ୍କ ଚୟନକୁ ନେଇ ଦଳ ମଧ୍ୟରେ ଛକାପଞ୍ଜା ଜାରି ରହିଛି । ଏଥିପାଇଁ ଦଳ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେବା ସହ ଦୁଇ ଗୋଷ୍ଠୀ ହୋଇ ପ୍ରାର୍ଥୀ ଚୟନ କରୁଛନ୍ତି । ଫଳରେ ସାଧାରଣ ଭୋଟର ଏବେ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି । କାକଟପୁର ବ୍ଲକର ଅବଦାନ ଗ୍ରାମ ପଞ୍ଚାୟତରେ ଏହିଭଳି ଏକ ସମସ୍ୟା ଦେଖାଦେଇଛି । ରାଜ୍ୟସ୍ତରରେ ତ୍ରିସ୍ତରୀୟ ପୌର ନିର୍ବାଚନ ପାଇଁ ସଂରକ୍ଷିତ ପ୍ରାର୍ଥୀ ଓ ପ୍ରାର୍ଥନୀ ତାଲିକା ଘୋଷଣା ହେବାପରେ ଗତ ୧୪ ତାରିଖରେ ଅବଦାନ ଗ୍ରାମ ପଞ୍ଚାୟତର କଂଗ୍ରେସ କମିଟି ପକ୍ଷରୁ ସମସ୍ତ ନେତୃମଣ୍ଡଳି ଓ ଶତାଧିକ କର୍ମୀଙ୍କ ନିଷ୍ପତ୍ତି କ୍ରମେ ଅବଦାନ ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ପାର୍ଥିନୀ ଭାବେ ମନମୋହିନୀ ଜେନାଙ୍କୁ କାକଟପୁର ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସାହୁ ଘୋଷଣା କରିଥିଲେ । ଏହି ନିଷ୍ପତ୍ତିକୁ ଅମାନ୍ୟ କରି କାକଟପୁର ବ୍ଲକ କଂଗ୍ରେସ କମିଟିର ନିର୍ବାଚନୀ ଅଧକ୍ଷ ଧନେଶ୍ୱର ପାଢୀ ଦିପ୍ତୀରେଖା ସ୍ୱାଇଁଙ୍କୁ ଅବଦାନ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଭାବେ ଘୋଷଣା କରିଛନ୍ତି । ଏହି ଚଞ୍ଚକତା ସମ୍ପର୍କରେ କାକଟପୁର ବ୍ଲକ କଂଗ୍ରେସ କମିଟିର ଉପସଭାପତି ତଥା ୮ନମ୍ବର ଜିଲ୍ଲା ପରିଷଦ ଜୋନର ସଭାପତି ଲକ୍ଷ୍ମୀନାରାୟଣ ଜେନା କାକଟପୁର ବ୍ଲକ କଂଗ୍ରେସ କମିଟିର ସଭାପତିଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସଭାପତି ଶ୍ରୀ ସାହୁ ଏ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଦଳୀୟ ଶୃଙ୍ଖଳା ଓ ନିଷ୍ପତ୍ତିକୁ ଅବମାନନା କରି ଧନେଶ୍ୱର ପାଢୀ ପ୍ରାର୍ଥିନୀ ଚୟନ କରିଥିବାରୁ ତାଙ୍କୁ ପ୍ରାଥମିକ ସଭ୍ୟପଦ ଓ ସମସ୍ତ ପଦପଦବୀରୁ ଏକବର୍ଷ ପାଇଁ ବହିଷ୍କାର କରାଯାଇଥିବା କାକଟପୁର ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସାହୁ ଲିଖିତ ଭାବେ ଜଣାଇଛନ୍ତି । ଶ୍ରୀ ପାଢୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ଟିକଟକୁ ମଧ୍ୟ ବାତିଲ କରାଯାଇଥିବା କାକଟପୁର କଂଗ୍ରେସ କମିଟିର ବ୍ଲକ ସଭାପତି ଜଣାଇଛନ୍ତି । ଏଠାରେ ସୂଚନାଥାଉ କି ନବାଗତ କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ମନମୋହିନୀ ହେଉଛନ୍ତି ଅବଦାନ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ସ୍ୱର୍ଗତଃ ମଙ୍ଗୁଳି ଜେନାଙ୍କ ପୁତ୍ରବଧୂ । ସ୍ୱର୍ଗତଃ ଜେନା ଦୁଇଥର ସରପଞ୍ଚ ହୋଇ କଂଗ୍ରେସର ଦୁର୍ଗ ପ୍ରସ୍ତୁତ କରିଥିବା ବେଳେ ପୁତ୍ର ଲକ୍ଷ୍ମୀନାରାୟଣ ମଧ୍ୟ ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ ହୋଇ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ତୃତୀୟ ଦିବସରେ ୧୭୦ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

ଫୁଲନଖରା (ପିଏନ୍-ବାରଙ୍ଗ ବ୍ଲକରେ ମୋଟ ୧୭୦ ଜଣ ଆଶାୟୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି। ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ହରିଅନ୍ତା ପଞ୍ଚାୟତର ସରପଞ୍ଚ ଆସନ ନିମନ୍ତେ ସାଗରୀକା ନାଥ ମନୋନୟନ ପତ୍ର ଦାଖଲ କରିଥିଲା ବେଳେ ଅବଶିଷ୍ଟ ୨୫ଜଣ ମଧ୍ୟ ସରପଞ୍ଚ ଓ ସମାନ ସଂଖ୍ୟକ ୨୬ଜଣ ସମିତି ସଭ୍ୟ ପାଇଁ ନାମାଙ୍କନ ଭରିଛନ୍ତି । ସେହିପରି ୧୧୮ଜଣ ୱାର୍ଡ଼ ସଭ୍ୟ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ଜଣାଯାଇଛି। ଗତକାଲି ପ୍ରାର୍ଥୀପତ୍ର ଦାଖଲର ତୃତୀୟ ଦିବସ ଥିଲାବେଳେ ଗତ ଦୁଇଦିନରେ ମୋଟ ୧୧୩ଜଣ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି । ଅନ୍ୟପକ୍ଷରେ ୩୩ନମ୍ବର ଜୋନ ଜିଲାପରିଷଦ ଆସନ ପାଇଁ କଂଗ୍ରେସ ପକ୍ଷରୁ ଦୀପକକୁମାର ଭୋଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ସେଠାରେ ବରିଷ୍ଠ ନେତା ବିଜୟ ମହାପାତ୍ର, କଟକ ଜିଲା ଲିଗାଲ ସେଲ ସଭାପତି ଆଇନଜୀବୀ ଦିଲୀପ ମହାରଣା, ରଶ୍ମିତା ପ୍ରଧାନ, ଉଲ୍ଲାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୩ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ଥିଲାବେଳେ ୨୫ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଅନ୍ତିତମ ଦିବସ ରହିଛି। ଆସନ୍ତା ଫେବୃଆରୀ ୧୮ତାରିଖରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ।

କଂସାର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀନୀ ସ୍ୱାଗତିକାଙ୍କ ପ୍ରାର୍ଥୀପତ୍ର ଦାଖଲ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀନୀ ଭାବେ ସ୍ୱାଗତିକା ଜେନା ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶ୍ରୀମତୀ ଜେନା ହେଉଛନ୍ତି କଂସାର ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ଧର୍ମପତ୍ନୀ। ସରପଞ୍ଚଶ୍ରୀ ଜେନା କଂସାର ପଞ୍ଚାୟତରେ ଯେଉଁସବୁ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି ସେହିସବୁକୁ ପାଥେୟ କରି ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ଶ୍ରୀମତୀ ଜେନା ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରିବେ। ଶ୍ରୀମତୀ ଜେନାଙ୍କ ସମେତ କଂସାର ପଞ୍ଚାୟତରେ ଆଜି ସୁଦ୍ଧା ୨ଜଣ ସରପଞ୍ଚ ପଦରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି।

ଧନୁର୍ଜୟ ବିଶ୍ୱାଳଙ୍କ ୧୦୩ତମ ଜୟନ୍ତୀ ଦିବସରେ ଅସହାୟଙ୍କୁ କମ୍ବଳ ବଣ୍ଟନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବସପୁର ଗ୍ରାମର ସମାଜସେବୀ ତଥା ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ଭକ୍ତ ଧନୁର୍ଜୟ ବିଶ୍ୱାଳଙ୍କ ୧୦୩ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବସପୁର ଓ ଆଖପାଖ ଗ୍ରାମର ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ତଥା ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏଥିସହିତ ପ୍ରତ୍ୟେକଙ୍କୁ ୨ଶହ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଓ ଶୁଖିଲା ଖାଦ୍ୟ ମଧ୍ୟ ବଣ୍ଟନ କରାଯାଇଛି । କୋଭିଡ ସମୟରେ ପ୍ରତିବନ୍ଧକ ଥିବାରୁ ସାଧୁ ସମ୍ମିଳନୀକୁ ବାତିଲ କରିଦିଆଯାଇଛି । କମ୍ବଳ ବଣ୍ଟନ, ଶୁଖିଲା ଖାଦ୍ୟ ବଣ୍ଟନ ଏବଂ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟ ସ୍ୱର୍ଗତ ବିଶ୍ୱାଳଙ୍କ ପୁତ୍ର ସମାଜସେବୀ ତଥା ପ୍ରତିଷ୍ଠିତ ବ୍ୟବସାୟୀ ଭଗବାନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ତାଙ୍କ ବସପୁରସ୍ଥିତ ବାସ ଭବନରେ ଦରିଦ୍ର, ଅସହାୟ, ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧାମାନଙ୍କୁ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

କେନ୍ଦ୍ରାପଡା ଜିଲ୍ଲାରେ ୧୧୯ଜଣ କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ବୁଧବାର ୧୧୯ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୮ଜଣ, ଡେରାବିଶ ବ୍ଲକରେ ୧୫ଜଣ, ଗରଦପୁର ବ୍ଲକରେ ୨ଜଣ, କେନ୍ଦ୍ରାପଡା ବ୍ଲକରେ ୪୨ଜଣ, ମହାକାଳପଡା ବ୍ଲକରେ ୮ଜଣ, ମାର୍ଶାଘାଇ ବ୍ଲକରେ ୪ଜଣ, ପଟ୍ଟାମୁଣ୍ଡାଇ ବ୍ଲକରେ ୧୨ଜଣ, ରାଜକନିକା ବ୍ଲକରେ ୧୭ଜଣ, ରାଜନଗର ବ୍ଲକରେ ୮ଜଣ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୩ଜଣ କରୋନା ପଜିଟିଭ କେଶ ବାହାରିଥିବା ସୂଚନା ଦିଆଯାଇଛି ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତୃତୀୟ ଦିନରେ ୩୧୬୫ ପ୍ରାର୍ଥୀପତ୍ର ଦାଖଲ

କେନ୍ଦ୍ରାପଡା (ପିଏନ୍): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ତୃତୀୟ ଦିବସରେ ବୁଧବାର କେନ୍ଦ୍ରାପଡା ଜିଲ୍ଲାର ୩୧୬୫ଜଣ ପ୍ରାର୍ଥୀ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି। ଜିଲ୍ଲାର ୨୪୫୪ ଜଣ ୱାର୍ଡସଭ୍ୟ, ୩୮୨ଜଣ ସରପଞ୍ଚ, ୩୧୦ଜଣ ସମିତି ସଭ୍ୟ ଓ ୧୯ଜଣ ଜିଲ୍ଲା ପରିଷଦ ସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ହୋଇଛି। କେନ୍ଦ୍ରାପଡା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ନିରଞ୍ଜନ ବେହେରାଙ୍କ ନିକଟରେ ଆଳି ବ୍ଲକର ଜିଲ୍ଲା ପରିଷଦ ଜୋନ ନଂ-୨ରୁ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଅଜୟକୁମାର ଜେନା, ଆଳି ବ୍ଲକର ୩ନଂ ଜୋନରୁ କଂଗ୍ରେସ ପ୍ରାର୍ଥୀନୀ ବନସ୍ୱିନୀ ସାମଲ, କେନ୍ଦ୍ରାପଡା ବ୍ଲକ ୬ନଂ ଜୋନରୁ କଂଗ୍ରେସ ପ୍ରାର୍ଥୀନୀ ସଶ୍ମିତା ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକର ୧୫ନଂ ଜୋନରୁ କଂଗ୍ରେସ ପ୍ରାର୍ଥୀନୀ ପୁଷ୍ପଲତା ଜେନା, ରାଜକନିକା ବ୍ଲକର ୨୭ନଂ ଜୋନରୁ କଂଗ୍ରେସ ପ୍ରାର୍ଥୀନୀ ପ୍ରିୟଦର୍ଶିନୀ ବେହେରା,

ରାଜକନିକା ବ୍ଲକର ୨୮ନଂ ଜୋନରୁ କଂଗ୍ରେସ ପ୍ରାର୍ଥୀ କ୍ଷିରୋଦ କୁମାର ବେହୁରା, ରାଜକନିକା ବ୍ଲକର ୨୯ନଂ ଜୋନରୁ କଂଗ୍ରେସ ପ୍ରାର୍ଥୀନୀ ପ୍ରମିଳା ସାହୁ, ରାଜନଗର ବ୍ଲକର ୩୦ନଂ ଜୋନର ସହଦେବ ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଆଳି ବ୍ଲକର ୪ନଂ ଜୋନରୁ ବିଜେଡି ପ୍ରାର୍ଥୀ ଜୟରାମ ସାହୁ, କେନ୍ଦ୍ରାପଡା ବ୍ଲକର ୬ନଂ ଜୋନରୁ ବିଜେଡି ପ୍ରାର୍ଥୀନୀ ନିର୍ମଳା ମହାନ୍ତି, ଡେରାବିଶ ବ୍ଲକର ୧୩ନଂ ଜୋନରୁ ବିଜେଡି ପ୍ରାର୍ଥୀନୀ ଗୀତାଞ୍ଜଳୀ

ସେଠୀ, ମହାକାଳପଡା ବ୍ଲକର ୨୦ନଂ ଜୋନରୁ ବିଜେଡି ପ୍ରାର୍ଥୀ ସୁବୋଧ କୁମାର ଲେଙ୍କା, ମହାକାଳପଡା ବ୍ଲକର ୨୧ନଂ ଜୋନରୁ ବିଜେଡି ପ୍ରାର୍ଥୀନୀ ଅନୁରାଧା ସ୍ୱାଇଁ, ମାର୍ଶାଘାଇ ବ୍ଲକର ୨୬ନଂ ଜୋନରୁ ବିଜେଡି ପ୍ରାର୍ଥୀ ପ୍ରତାପ କୁମାର ମଲ୍ଲିକ ଜିଲ୍ଲା ପରିଷଦ ସଭ୍ୟ ପଦରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବିଏସପି ଦଳର ପ୍ରାର୍ଥୀ ଭାବେ ମାର୍ଶାଘାଇ ବ୍ଲକର ୨୪ନଂ ଜୋନରୁ ଅଶୋକ କୁମାର ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ପଟ୍ଟାମୁଣ୍ଡାଇ ବ୍ଲକର ୧୫ନଂ ଜୋନରୁ ଝୁନଲତା ବେହେରା, ମାର୍ଶାଘାଇ ବ୍ଲକର ୨୪ନଂ ଜୋନରୁ ଜଳଧର ବେହେରା, ରାଜକନିକା ବ୍ଲକର ୨୮ନଂ ଜୋନରୁ ସରୋଜକାନ୍ତ ରାଉତ ଏବଂ ସତ୍ୟଜିତ ସ୍ୱାଇଁ ଜିଲ୍ଲା ପରିଷଦ ସଭ୍ୟ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଚାରିଶହ ଜିଲ୍ଲାପରିଷଦ ଆସନରେ ପ୍ରାର୍ଥୀ ଦେବ କଳିଙ୍ଗ ସେନା

ଭୁବନେଶ୍ୱର (ପିଏନ୍) : ଓଡିଶାର ଯୁବବର୍ଗଙ୍କ ଲାଗି ସବୁବେଳେ ଲଢେଇ କରୁଥିବା କଳିଙ୍ଗ ସେନା ଏଥର ବି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଇଦାନକୁ ଓହ୍ଲାଇବ । ଦଳ ପ୍ରାୟ ୪୦୦ ଜିଲ୍ଲା ପରିଷଦ ଆସନରେ ପ୍ରାର୍ଥୀ ଦେବ । ତେବେ ବିଭିନ୍ନ ଦଳର ଅସନ୍ତୁଷ୍ଟ ନେତାମାନେ ଦଳୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଥିବାରୁ ଏହି ଆସନ ସଂଖ୍ୟା ଆହୁରି ବଢିବ ବୋଲି ସେନା ସୁପ୍ରିମୋ ହେମନ୍ତ ରଥ ସୂଚନା ଦେଇଛନ୍ତି । ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରଥ କହିଛନ୍ତି ଯେ କଳିଙ୍ଗସେନା ସବୁବେଳେ ଯୁବ ବର୍ଗ ବିଶେଷକରି ଓଡିଆମାନଙ୍କ ସ୍ୱାର୍ଥ ପାଇଁ ଲଢେଇ କରି ଆସିଛି । ଚଳିତ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳମାନେ ଯୁବବର୍ଗଙ୍କୁ ଉପେକ୍ଷା କରୁଥିବାବେଳେ ସେମାନଙ୍କୁ ତାଙ୍କର ରାଜନୈତିକ ଅଧିକାର ଦେବାପାଇଁ କଳିଙ୍ଗସେନା ପ୍ରାର୍ଥୀ ଦେବାପାଇଁ ସ୍ଥିର କରିଛି । ପୂର୍ବ ନିର୍ବାଚନରେ ଯେତିକି ପ୍ରାର୍ଥୀ ଦଳ ଦେଇଥିଲା ଏଥିର ସେହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ । ବିଶେଷକରି ବିଜେପିର ବହୁ ଅସନ୍ତୁଷ୍ଟ ନେତାମାନେ ଦଳ ସହିତ ସମ୍ପର୍କରେ ଥିବାରୁ ସେମାନଙ୍କ ଯୋଗ୍ୟତା ଆଧାରରେ ପ୍ରାର୍ଥୀ କରାଯିବ । ଅନ୍ୟ ଦଳର କିଛି ଅସନ୍ତୁଷ୍ଟ ବି କଳିଙ୍ଗସେନା ବ୍ୟାନର ତଳେ ଲଢିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ବିଶେଷ କରି ଖୋର୍ଦ୍ଧା, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ନିର୍ବାଚନରେ ଗୁରୁତ୍ୱ ଦେବା ସହିତ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ପ୍ରାର୍ଥୀ ଦିଆଯିବ। ପୂର୍ବଭଳି ଚଳିତଥର ମଧ୍ୟ କଳିଙ୍ଗସେନା ରାଜ୍ୟରେ ଯୁବକଙ୍କ ନିଯୁକ୍ତି ଉପରେ ସର୍ବାଧିକ ଗୁରୁତ୍ୱ ଦେଇ ମଇଦାନକୁ ଓହ୍ଲାଇବ । ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିସାରିଥିବାବେଳେ ଏଥରକ ପ୍ରାର୍ଥୀ ତାଲିକା ଚୂଡାନ୍ତ ହେବବୋଲି ଶ୍ରୀ ରଥ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସେନାର ସାଧାରଣ ସମ୍ପାଦକ ବିଜୟରାଜ, ଇଂ. ମନୋଜ ନାୟକ, ଅବ୍‌ଦୁଲ କୟୁମ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍ ଶିଘ୍ର ଦଳ ପକ୍ଷରୁ ପ୍ରାର୍ଥୀ ଚୟନ କମିଟି ଘୋଷଣା କରାଯିବ।

ପତ୍ନୀହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅନ୍ତର୍ଗତ ଆଙ୍କୋ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଯୁବକ ରଶ୍ମିରଞ୍ଜନ ନାୟକ ତାଙ୍କ ପତ୍ନୀ ସଂଗୀତା (୨୫)ଙ୍କୁ ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ନମ୍ବର ୨/୨୨ ରୁଜୁକରି ଅଭିଯୁକ୍ତ ରଶ୍ମିରଞ୍ଜନଙ୍କୁ ଗିରଫ କରିଛି । ଥାନାଧିକାରୀ ସୂଚନ୍ଦ୍ର ମହାଳିକ, ଏଏସଆଇ ନଗେନ୍ଦ୍ରନାଥ ଦାସ ଓ ସବ୍ୟସାଚୀ ମହାନ୍ତି ପ୍ରମୁଖଙ୍କ ସହ ସାଇଣ୍ଟିଫିକ ଟିମ ତାଙ୍କ ବାସଭବନରେ ପହଞ୍ଚି ଘଟଣାର ସମ୍ପର୍କରେ ତଦନ୍ତ କରିଥିଲେ । ସୂଚନା ଥାଉକି, ୨୦୧୫ ମସିହାରେ ସଦର ଥାନା ସହିପୁର ଗ୍ରାମର ଗଦାଧର ସାହାଣୀଙ୍କ ଝିଅ ସଙ୍ଗୀତାଙ୍କୁ ରୂପସା ଆଙ୍କୋ ଆଙ୍କୋ ଗ୍ରାମରେ ରଶ୍ମିରଞ୍ଜନ ବିବାହ କରିଥିଲେ । ତେବେ ପ୍ରଥମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ପରେ ପରିବାରଙ୍କ ସହମତିରେ ବୈଦିକ ରୀତିରେ ବିବାହ ହୋଇଥିଲା । ଅଧିକାଂଶ ସମୟରେ ସ୍ୱାମୀ, ଶାଶୁଘର ଲୋକେ ଓ ନଣନ୍ଦେଇ ମିଶି ଯୌତୁକ ଜନିତ ନିର୍ଯାତନା ଦେଉଥିବାବେଳେ ଝିଅକୁ ପିଟିପିଟି ହତ୍ୟା ପରେ ଫାଶୀ ଦିଆଯାଇଥିବା ମୃତା ଝିଅର ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ହତ୍ୟା ଘଟଣାର ତଦନ୍ତ ଚଳାଇଛି ।

ସମାଜସେବୀଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଶୀତଳପାଟଣା ଗ୍ରାମବାସୀ ଏବଂ ଶୀତଳେଶ୍ୱର ୟୁଥ କ୍ଲବ ପକ୍ଷରୁ ସମାଜସେବୀ ସ୍ୱର୍ଗତଃ କରୁଣାକର ବାରିକ ଓ ସ୍ୱର୍ଗତା ପ୍ରଣତି ପଣ୍ଡାଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ଶୀତଳେଶ୍ୱରଙ୍କ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉଭୟଙ୍କ ଆତ୍ମାର ସଦଗତି କାମନା କରାଯାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗ୍ରାମବାସୀ ଏବଂ ୟୁଥକ୍ଲବର ସଦସ୍ୟମାନେ ଉଭୟଙ୍କ ବିୟୋଗରେ ଶ୍ରଦ୍ଧା-ସୁମନ ଅର୍ପଣ କରିଥିଲେ ।

ସମାଜସେବୀ ମାନସ ଛୁଆଳସିଂହଙ୍କ ପରଲୋକ

ଖୋର୍ଦ୍ଧା (ପିଏନ୍)-ଜନପ୍ରିୟ ଚିକିତ୍ସକ ଡ. ଭାଗିରଥୀ ଛୁଆଳସିଂହଙ୍କ କନିଷ୍ଠପୁତ୍ର ତଥା ଖୋର୍ଦ୍ଧା ଅଂଚଳର ଯୁବ ସମାଜସେବୀ ମାନସ ଛୁଆଳସିଂହ(ଲାଲୁ)ଙ୍କର ୪୫ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ପୂର୍ବରୁ ତାଂକର ହୃଦୟ ଅସ୍ତ୍ରୋପଚାର କରାଯାଇ ଷ୍ଟେଣ୍ଟ ଲାଗିଥିଲା । ଗତବର୍ଷ ତାଂକ ପତ୍ନୀ ବ୍ୟାଙ୍କ ଅଧିକାରୀ ବନିତା ମଂଜରୀ ପରିଡ଼ାଙ୍କର ମସ୍ତିଷ୍କାଘାତରେ ପରଲୋକ ହୋଇଥିବାବେଳେ ବର୍ଷକ ପରେ ମାନସଙ୍କ ମୃତ୍ୟୁ ଯୋଗୁଁ ପରିବାରବର୍ଗ ଭାଂଗିପଡ଼ିଛନ୍ତି । ସେମାନଙ୍କର ୧୩ ବର୍ଷର ଝିଅଟିଏ ଅଛି । ମାନସ ଜଣେ ମିଷ୍ଟଭାଷୀ ଯୁବକ ଥିଲେ ଏବଂ ସମସ୍ତଙ୍କର ସୁଖ ଦୁଃଖରେ ସାମିଲ

ଅଚଳାବସ୍ଥାରେ ଆନନ୍ଦପୁର ଚିକିତ୍ସାଳୟ

ଆନନ୍ଦପୁର,(ପି.ଏନ): ପରୀକ୍ଷା ନୀରିକ୍ଷା ପାଇଁ ଆବଶ୍ୟକ ଯନ୍ତ୍ରପାତି ରହିଛି କିନ୍ତୁ ତାହାକୁ ପରିଚାଳନା କରିବାକୁ କର୍ମଚାରୀ ଅଭାବ ରହିଛି । ଏପରିକି ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ମଧ୍ୟ ଦେଖା ଦେଇଛି । ଏହା ବାଦ୍ ପରିଚାଳନା କ୍ଷେତ୍ରରେ ହେଉ କି ରୋଗୀ ସେବା ଠିକ୍ ଭାବେ ହେଉନାହିଁ । ଏଭଳି ସମସ୍ୟା ଭିତରେ ଗତି କରୁଛି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତୀ ବିଭାଗ । ଏପରି ସ୍ଥିତିରେ ପ୍ରସୂତୀ ମାନଙ୍କୁ କେବଳ ରେଫର କରି ଡାକ୍ତରଖାନା କର୍ତ୍ତୃପକ୍ଷ ବାଃ ବାଃ ମୁଣ୍ଡାଉ ଥିବା ଅଭିଯୋଗ ହୋଇଛି । ମୋଟାମୋଟି ଭାବେ କହିଲେ ଏହି ମେଡିକାଲରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ ଏବେ ଭଗବାନଙ୍କ ଭରଷାରେ ଚାଲିଥିବା ଆନନ୍ଦପୁର ଅଂଚଳରେ ଚର୍ଚ୍ଚା ହେଉଛି । ଅଭିଯୋଗ ଅନୁସାରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଏବେ ଚରମ ସୀମାରେ ପହଂଚିଲାଣି । କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ହେଉ ଅବା ଘଟଗାଁ ଉପଖଣ୍ଡ ଏହା ସମେତ ପଡୋଶୀ ମୟୁରଭଞ୍ଜ, ଭଦ୍ରକ, ଯାଜପୁର ଜିଲ୍ଲାର ରୋଗୀମାନେ ଏହି ମେଡିକାଲ ଉପରେ ନିର୍ଭର କରିଥାନ୍ତି । ହେଲେ ସମସ୍ୟା ଯୋଗୁଁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁସାରେ ଏହି ଡାକ୍ତରଖାନାର ୨ଜଣ ବିଶେଷଜ୍ଞ ଡାକ୍ତର କୋରନା ସଂକ୍ରମିତ ହୋଇଛନ୍ତି । ଏହି କାରଣରୁ ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଅଚଳାବସ୍ଥା ଦେଖା ଦେଇଛି । ଏଠାରେ ଦିନକୁ ପ୍ରାୟ ଦଶରୁ ପନ୍ଦର ଜଣ ଶିଶୁ ଜନ୍ମ ହୋଇଥାନ୍ତି । ଆନନ୍ଦପୁର ଚିକିତ୍ସାଳୟର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ କହିଛନ୍ତି ରୋଗୀସେବା ଠିକ୍ ରହିଛି । ଗୁରୁତର ରୋଗୀଙ୍କୁ ସେମାନେ ରେଫର କରୁଛନ୍ତି । ଡାକ୍ତରଖାନାରେ ସୃଷ୍ଟି ହୋଇଥିବା ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ।

ପୂର୍ବତନ ସମିତିସଭ୍ୟ ଓ ସରପଞ୍ଚଙ୍କ ପ୍ରାର୍ଥୀପତ୍ର ଦାଖଲ

ହାଟଡିହି,(ପି.ଏନ):ସମଗ୍ର ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଚାଲିଥିବା ବେଳେ ଆଜି ହାଟଡିହି ବ୍ଲକ ଜମ୍ପିରା ଗ୍ରାମ ପଂଚାୟତର ପୂର୍ବତନ ସମିତିସଭ୍ୟ ପ୍ରଭାତ ରାଉତ ଓ ପୂର୍ବତନ ସରପଂଚ ବ୍ରହ୍ମାନନ୍ଦ ଯେନା ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି . ବିଜୁ ଜନତା ଦଳର ସମର୍ଥୀତ ପ୍ରାର୍ଥୀ ଭାବେ ପ୍ରଭାତ ରାଉତ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପାଟପଗୁଆରରେ ଗ୍ରାମର ବିଭିନ୍ନ ମନ୍ଦିର ବୁଲି ପୂଜାର୍ଚ୍ଚନା କରିବା ସହିତ ଗ୍ରାମ ପରିକ୍ରମା କରି ଜମ୍ପିରା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ । ଏଥିରେ ଜମ୍ପିରା ପଂଚାୟତର ବିଜୁ ଜନତା ଦଳର ସଭାପତି ଚଣ୍ଡିପ୍ରସାଦ ରାଉତ, ସୟ କୁମାର ରାଉତ, ସୁଧାଂଶୁ ଭୂଷଣ ମଲ୍ଲିକ, ରତ୍ନାକର ସାହୁ,ପ୍ରମୋଦ କୁମାର ଜେନା, ମକୁନ୍ଦ ବଳ, ପାଣ୍ଡବ ମହାଳିକ, ଉପେନ୍ଦ୍ର ଆଏଚ, ଅଶୋକ କୁମାର ମଲ୍ଲିକ, ବିଜୟ କୁମାର ସାହୁ ପ୍ରମୁଖ ଶତାଧିକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ । ଉକ୍ତ ଆସନଟି ଅଣସଂରକ୍ଷିତ ଥିବାରୁ ପୂର୍ବତନ ସରପଂଚ ଶ୍ରୀ ବ୍ରହ୍ମାନନ୍ଦ ଯେନା ଶତାଧିକ ସମର୍ଥକଙ୍କ ସହ ନାମାଙ୍କନପତ୍ର ଦାଖଲ କରିଥିଲେ । ଉଭୟଙ୍କ ନାମାଙ୍କନପତ୍ର ଦାଖଲ ପରେ ଗ୍ରାମରେ କର୍ମୀ ଓ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା ।

ବିଜେପିରେ ସାମିଲ ହେଲେ ପିପିଲିର ବିଜେଡି ଓ କଂଗ୍ରେସ ନେତା

ଭୁବନେଶ୍ୱର, (ପି.ଏନ): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲା କଂଗ୍ରେସର ପୂର୍ବତନ ସାଧାରଣ ସଂପାଦକ ତଥା ଦାଣ୍ଡମୁକୁନ୍ଦପୁର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ସତ୍ୟବାଦୀ ମିଶ୍ର; ପମସରା ଗ୍ରାମ ପଂଚାୟତ ସମିତି ସଭ୍ୟ ତଥା ଯୁବ ବିଜେଡି ନେତା ସରୋଜ ପ୍ରଧାନ, ଓରାକଳ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଓ ବରିଷ୍ଠ ବିଜେଡି ନେତା ମନୋଜ ଗୁରୁ ନିଜ ନିଜ ସମର୍ଥକଙ୍କ ଗ୍ରହଣରେ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଅକନ୍ୟମାନଙ୍କ ମଧ୍ୟରେ ସୁଦାମ ବରାଳ, ଉପେନ୍ଦ୍ର ପ୍ରଧାନ, ଗଦାଧର ମଲ୍ଲିକ, ପ୍ରଦୀପ ଖଟୋଇ, ବନମାଳୀ ପରିଡା, ସୁବାଷ ସ୍ୱାଇଁ, ଉମେଶ ସ୍ୱାଇଁ, ବିଶ୍ୱଭୂଷଣ ଖୁଂଟିଆ, ଭବାନୀ ନାଏକ, ସରୋଜ ସ୍ୱାଇଁ, ସୁଧୀର ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ନେତୃବୃନ୍ଦ ନିଜ ନିଜ ସମର୍ଥକଙ୍କ ଗ୍ରହଣରେ ବିଜେପିରେ ସାମିଲ ହୋଇଛନ୍ତି । ଆଜିର ମିଶ୍ରଣ ଫଳରେ ପିପିଲି ନିର୍ବାଚନମଣ୍ଡଳୀରେ ବିଜେପିର ସଂଗଠନ ଆହୁରୀ ସୁଦୃଢ ହୋଇଛି । ସମସ୍ତେ ଏକାଠି ହୋଇ ଦୁର୍ନୀତିଖୋର ଓ ଭ୍ରଷ୍ଟାଚାରୀ ଶାସକ ବିଜେଡି ବିରୁଦ୍ଧରେ ନିଶ୍ଚିତ ବିଜୟୀ ହେବୁ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ପୁରୀ ଜିଲ୍ଲା ସଭାପତି ଆଶ୍ରୀତ ପଟ୍ଟନାୟକ, ରାଜ୍ୟ ଗଣମାଧ୍ୟମ ସହ ପ୍ରମୁଖ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ମଦ, ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ଉପରେ ନିଷେଧାଦେଶ ଜାରି କଲେ ରାଜ୍ୟ ନିର୍ବାଚନ କମିଶନ

ଭୁବନେଶ୍ୱର,(ପି.ଏନ): ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି ଓ ତଦନୁସାରେ ଆସନ୍ତା ଫେବୃଆରୀ ୧୬ ତାରିଖଠାରୁ ଫେବୃଆରୀ ୨୪ ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ଶାନ୍ତିଶୃଙ୍ଖଳାର ସହ ସଂପାଦନ କରିବା ନିମନ୍ତେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ବା ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସହ ମତଦାନ କେନ୍ଦ୍ରକୁ ଯିବା କିମ୍ବା ମତଦାନ କେନ୍ଦ୍ର ନିକଟରେ ଚଳପ୍ରଚଳ ହେବା ଉପରେ ନିଷେଧାଦେଶ ଜାରି କରାଯାଇଛି । ତା. ୧୪/୦୨/୨୦୨୨ ରିଖ ଅପରାହ୍ନ ୫ ଘଟିକାଠାରୁ ତା. ୦୧/୦୩/୨୦୨୨ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ନିର୍ବାଚନ ଅଧିକାରୀ ପୁଲିଙ୍ଗ ଅଧିକାରୀ, ପୁଲିସ୍ ଅଧିକାରୀ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବ୍ୟତୀତ କୌଣସି ବ୍ୟକ୍ତି ମତଦାନ କେନ୍ଦ୍ର କିମ୍ବା ମତଦାନ କେନ୍ଦ୍ର ଆଖପାଖ ଅଂଚଳରେ ରହିପାରିବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ସଂପୃକ୍ତ ବିଭାଗକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ହେବାକୁ ଥିବା ତ୍ରିସ୍ତରୀୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ନିର୍ବାଚନ କମିଶନର ଗୁରୁତ୍ୱାରୋପ କରିଛନ୍ତି । ମତଦାନର ୪୮ ଘଂଟା ପୂର୍ବରୁ ଏବଂ ମତଦାନ ପରଦିନ ପର୍ଯ୍ୟନ୍ତ ଯେଉଁ ସ୍ଥାନରେ ନିର୍ବାଚନ ହେବାକୁ ଥିବ ସେଠାରେ ମଦର ବିକ୍ରୟ ଓ ବଂଟନ ଉପରେ ନିଷେଧାଦେଶ ଜାରିକରି ରାଜ୍ୟ ଅବକାରୀ ବିଭାଗକୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ଅନ୍ୟ ସ୍ଥାନକୁ ମାଦକ ଦ୍ରବ୍ୟର ପରିବହନ, ହୋଟେଲ କିମ୍ବା ରେଷ୍ଟୁରାଂଟ, ଦୋକାନରେ ଅବା ଅନ୍ୟକୌଣସିଠାରେ ମଦର ବ୍ୟବହାର କରାଯାଇପାରିବ ନାହିଁ ବୋଲି ନିର୍ବାଚନ କମିଶନର ସମସ୍ତ ପ୍ରକାରର ବାରଣ କରିଛନ୍ତି । ପଂଚାୟତ ନିର୍ବାଚନରେ ମତଦାନ ନିମନ୍ତେ ସମସ୍ତ ସରକାରୀ କର୍ମଚାରୀ, ବେସରକାରୀ ଅନୁଷ୍ଠାନର କର୍ମଚାରୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର କର୍ମଚାରୀମାନଙ୍କୁ ମତଦାନ ଦିନଟିକୁ ରାଜ୍ୟ ନିର୍ବାଚନ କମିଶନ ସବୈତନିକ ଛୁଟି ଦିନ ଭାବେ ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି । ଯେଉଁ କର୍ମଚାରୀମାନଙ୍କର ମତଦାନ କେନ୍ଦ୍ରଠାରୁ କର୍ମସ୍ଥଳ ଦୂର ହୋଇଥିବ ସେମାନେ ତିନିଦିନ ସ୍ୱତନ୍ତ୍ର ସିଏଲ୍ ପାଇବେ ବୋଲି ନିର୍ବାଚନ କମିଶନ ସଂପୃକ୍ତ ବିଭାଗକୁ ଚିଠି ମାଧ୍ୟମରେ ଜଣାଇଛନ୍ତି ।ସେହିପରି ଗ୍ରାମାଂଚଳରେ ବିଭିନ୍ନ ଅନୁଷ୍ଠାନ କିମ୍ବା ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିର୍ବାଚନରେ ମତଦାନର ସୁଯୋଗ ଦେବା ପାଇଁ ରାଜ୍ୟ ନିର୍ବାଚନ କମିଶନ ମତଦାନ ଦିବସକୁ ସବୈତନିକ ଛୁଟି ଦିବସ ଭାବେ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମାଂଚଳରେ ରହି ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକ/କାରିଗରମାନେ ଏହାର ସୁଯୋଗ ନେଇ ମତଦାନ କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନ ସଂପୃକ୍ତ ଶ୍ରମ ବିଭଗକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ନିର୍ବାଚନ ହେଉଥିବା ଅଂଚଳରେ ସମସ୍ତ କର୍ମଚାରୀମାନଙ୍କୁ ମତଦାନର ସୁଯୋଗ ଦେବା ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ଭୋଟ ଗ୍ରହଣ ଦିନକୁ ସଂପୃକ୍ତ ଅଂଚଳରେ ଥିବା ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସଂପୃକ୍ତ ଅଂଚଳରେ ଜୁଡିସିଆଲ୍ କୋର୍ଟ ଥାଏ, ତାହାହେଲେ ଭୋଟ ଗ୍ରହଣ ଦିନ କୋର୍ଟ ମଧ୍ୟ ବନ୍ଦ ରହିବ ବୋଲି ନିର୍ବାଚନ କମିଶନ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।

ଆଧୁନିକୀକରଣ କାର୍ଯ୍ୟ ପାଇଁ କିଛି ଟ୍ରେନ ସାମୟିକ ଭାବେ ପ୍ରଭାବିତ ହେବ

ଭୁବନେଶ୍ୱର, (ପି.ଏନ): ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ବିଳାସପୁର ରେଳ ମଣ୍ଡଳ ଅନ୍ତର୍ଗତ ନିଗୁଆର-ଜୟଥାରୀ-ଚୁଲହା ରେଳ ସେକ୍ସନ ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟକ୍ଷମ ପାଇଁ ଏବଂ ଦକ୍ଷିଣ ପଶ୍ଚିମ ରେଳପଥ ଅନ୍ତର୍ଗତ ବାଙ୍ଗାଲୋର ରେଳ ମଣ୍ଡଳ ମଧ୍ୟରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପୂର୍ବତଟ ରେଳପଥକୁ ଆସୁଥିବା କିମ୍ବା ଉତ୍ପନ ହେଉଥିବା କିଛି ଟ୍ରେନ ସାମୟିକ ଭାବେ ନ ପ୍ରଭାବିତ ହେବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆ ଯାଇଛି । ପୂର୍ବତଟ ରେଳବାଇ ପକ୍ଷରୁ କୁହା ଯାଇଛି ଯେ୨୦.୦୧.୨୦୨୨ ଏବଂ ୨୭.୦୧.୨୦୨୨ ରେ ଭଲସାଡରୁ ଛାଡିବାକୁ ଥିବା ୨୨୯୦୯ ଭଲସାଡ-ପୁରୀ ଏକ୍ସପ୍ରେସ ବାତିଲ ରହିବ । ସେହିପରି ୨୩.୦୧.୨୦୨୨ ଏବଂ ୩୦.୦୧.୨୦୨୨ ରେ ପୁରୀରୁ ଛାଡିବାକୁ ଥିବା ୨୨୯୧୦ ପୁରୀ-ଭଲସାଡ ଏକ୍ସପ୍ରେସ ବାତିଲ ରହିବ । ୨୩.୦୧.୨୦୨୨ ଏବଂ ୩୦.୦୧.୨୦୨୨ ରେ ବିକାନିର ଠାରୁ ଛାଡ଼ିବାକୁଥିବା ୨୦୪୭୧ ବିକାନିର-ପୁରୀ ଏକ୍ସପ୍ରେସ୍ ବାତିଲ ରହିବ । ୨୬.୦୧.୨୦୨୨ ଏବଂ ୦୨.୦୨.୨୦୨୨ ରେ ପୁରୀରୁ ଛାଡ଼ିବାକୁଥିବା ୨୦୪୭୨ ପୁରୀ-ବିକାନିର ଏକ୍ସପ୍ରେସ୍ ବାତିଲ ରହିବ । ସେହିପରି କିଛି ଟ୍ରେନ ମାର୍ଗ ପରିବର୍ତ୍ତିତ ହେବ । ୧୮.୦୧.୨୦୨୨ ଏବଂ ୨୫.୦୧.୨୦୨୨ ରେ ହଟିଆରୁ ଛାଡୁଥିବା ୧୨୮୩୫ ହଟିଆ-ଯଶୋବନ୍ତପୁର ଏକ୍ସପ୍ରେସ କୃଷ୍ଣରାଜପୁରମ୍-ଚାନ୍ନାସନ୍ଦରା-ୟେଲହଙ୍କା ମାର୍ଗଦେଇ ଯଶୋବନ୍ତପୁର ଯାତ୍ରା କରିବ ।

ରାହୁଲ ଗାନ୍ଧୀଙ୍କ ପାଖରେ ଅଭିଯୋଗ: ବିଜେଡି, ବିଜେପି ପାଇଁ କାମ କରୁଛି ଜିଲ୍ଲା କଂଗ୍ରେସ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ପାଇଁ କାମ କରୁଛି ବୋଲି ଜଣେ କଂଗ୍ରେସ କର୍ମୀ ଅଭିଯୋଗ କରିଛନ୍ତି । ଏଭଳି ସମ୍ବେଦନଶୀଳ ଅଭିଯୋଗ ଅଖିଳ ଭାରତ କଂଗ୍ରେସ କମିଟି ଉପ ସଭାପତି ରାହୁଲ ଗାନ୍ଧୀଙ୍କ ନିକଟରେ କରିଛନ୍ତି କଂଗ୍ରେସ କର୍ମୀ ସନ୍ତୋଷ କୁମାର ବେହେରା । ଶ୍ରୀ ବେହେରା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦୦୦ ମସିହା ଠାରୁ ସେ କଂଗ୍ରେସ କର୍ମୀ ଭାବେ ଦଳ ପାଇଁ କାମ କରି ଆସୁଛନ୍ତି । ହେଲେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ଏବେ ବିଜେଡି ଓ ବିଜେପି ପାଇଁ କାମ କରୁଛି । ଜିଲ୍ଲାରେ ଦଳର ସଂଗଠନ କିଭଳି ମଜଭୁତ ହୋଇପାରିବ ସେଥି ପାଇଁ ଦଳର ବିଭିନ୍ନ ପଦପଦବୀରେ ଥିବା ନେତୃତ୍ୱମାନେ କାମ କରୁନାହାଁନ୍ତି । ଅଭିଯୋଗପତ୍ରରେ ଏକ ଉଦାହରଣ ଦେଇ ସେ ଅଭିଯୋଗ କରିଛନ୍ତି ଯେ ଗତ ୨୦୧୭ ମସିହାରେ ତାଙ୍କ ପତ୍ନୀ କେନ୍ଦ୍ରାପଡା ବ୍ଲକର ୮ନମ୍ବର ଜୋନରୁ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ହୋଇ ୬୩୦୦ ଭୋଟ ପାଇଥିଲେ । ହେଲେ ସେତେବେଳେ କଂଗ୍ରେସ ଦଳ ପକ୍ଷରୁ ତାଙ୍କୁ କୌଣସି ପ୍ରକାର ସାହାଯ୍ୟ ସହଯୋଗ ମିଳି ନଥିଲା । ଚଳିତ ନିର୍ବାଚନରେ ଦଳ ତାଙ୍କୁ ସହଯୋଗର ହାତ ବଢାଇ ପ୍ରାର୍ଥୀ କରିଲେ ସେ ନିଶ୍ଚିତ ଭାବେ ବିଜୟୀ ହୋଇ ପାରିଥାନ୍ତେ । କିନ୍ତୁ ଏଥର ଯାହାଙ୍କୁ ଦଳୀୟ ଟିକଟ ଦିଆଗଲା ସେ ଗତ ୨୦୧୭ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ହୋଇ ମାତ୍ର ୧୩୦ ଖଣ୍ଡ ଭୋଟ ପାଇଥିଲେ ।

କୋଟିଆ ଅଂଚଳର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା

ଭୁବନେଶ୍ୱର,(ପି.ଏନ): ଆଜି ଦକ୍ଷିଣାଂଚଳ ରାଜସ୍ୱ କମିଶନ ଅନ୍ତର୍ଗତ ଦଶଗୋଟି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳମାନଙ୍କର ଏକ ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦକ୍ଷିଣାଂଚଳ ରାଜସ୍ୱ କମିଶନର, ବିଭାଗର ବହୁ ବରିଷ୍ଠ ଅଧିକାରୀ, ଆଇ.ଜି.ଆର, ଓଡିଶା ଏବଂ ଭୂ- ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରିଥିଲେ। ଜିଲ୍ଲାଗୁଡିକରେ ହେଉଥିବା ବିଭିନ୍ନ ପ୍ରକାର ଉନ୍ନତିମୂଳକ ତଥା ଭିତିଭୂମି ପ୍ରକଳ୍ପ ଯଥା ରେଳ, ଜାତୀୟ ରାଜପଥ ଓ ଜଳସେଚନ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନିତ କରିବା ସହିତ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ଅଗ୍ରାଧିକାର ଭିତିରେ ସମାପନ କରିବାକୁ ଅତିରିକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ କୋଟିଆର ସର୍ବାଙ୍ଗୀନ ବିକାଶକୁ ଅଧିକ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦଆଯାଇଛି । ଏହ ପ୍ରସଙ୍ଗରେ କୋରାପୁଟ ଜିଲ୍ଲା ପ୍ରଶାସନକୁ ପ୍ରତି ୧୫ ଦିନରେ ଏଠାର ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରେଜିଷ୍ଟ୍ରେସନ ଅଫିସରେ ଏକକ ପଇଠ ବ୍ୟବସ୍ଥା ଉପରେ ବିଚାରବିମର୍ଶ କରିବାକୁ ଆଇ.ଜି.ଆର.ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଓଡିଶା ଲୋକସେବା ଅଧିକାର ଅଧିନିୟମ ଅନୁଯାୟୀ ସମସ୍ତ ଜନସେବାଗୁଡିକୁ ଉଦ୍ଦିଷ୍ଟ ସମୟ ସୀମା ଭିତରେ ଫଇସଲା କରିବା, ବେ-ବନ୍ଦୋବସ୍ତ, ଗ୍ରାମକଣ୍ଠ ପରମବୋକ ଓ ନଜୁଲ ଜମିଜମାଗୁଡିକର ଯଥାଶୀଘ୍ର ଫଇସଲା ଓ ସମାଧାନ କରିବା ପାଇଁ ଗୁରତ୍ୱାରୋପ କରାଯାଇଥିଲା । ଲଘୁ ଖଣିଜ ପଦାର୍ଥ ଉତ୍ସଗୁଡିକରୁ ନିୟମିତ ରାଜସ୍ୱ ଆଦାୟ, ବେଆଇନ ଉଠାଣ ଓ ଚୋରି ସହିତ ଆନ୍ତରାଜ୍ୟ ଚାଲାଣକୁ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରିବେଶ ମଞ୍ଜୁରୀ ମିଳିସାରିଥିବା ସମସ୍ତ ଉତ୍ସଗୁଡିକରୁ ଆସନ୍ତା ଜାନୁଆରୀ ୨୫ ତାରିଖ ସୁଦ୍ଧା ଲଘୁ ଖଣିଜ ପଦାର୍ଥ ଉତୋଳନ କାର୍ଯ୍ୟ ଆରମ୍ଭ କରିବେ । ଓରସାକ ସହାୟତାରେ ଡିଜିପିଏସ ସର୍ଭେ ଦ୍ୱାରା ରାଜ୍ୟରେ ପ୍ରମୁଖ ନଦୀଗୁଡିକର ବାଲୁକା ଉତ୍ସକୁ ଚିହ୍ନଟ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳମାନେ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ତହସିଲଦାରମାନଙ୍କ ସହିତ ସମୀକ୍ଷା ବୈଠକ କରି ସ୍କୁଲ ଓ କଲେଜଗୁଡିକରେ ଥିବା ଜମିଜମା ସମସ୍ୟାକୁ ସମାଧାନ କରିବା ସହ ଏହିସବୁ କାର୍ଯ୍ୟଗୁଡିକୁ ଆସନ୍ତ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରପତ୍ର

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Friday January 21, 2022 | ଭୁବନେଶ୍ୱର ଶୁକ୍ରବାର, ଜାନୁଆରୀ ୨୧,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଧନଞ୍ଜୀୟ ହେଲେ କୋଣାର୍କ ପ୍ରେସ କ୍ଲବ ସଭାପତି

କୋଣାର୍କ,(ପି.ଏନ):ଗୁରୁବାର କୋଣାର୍କ ସ୍ଥିତ ମଙ୍ଗୁଳେଶ୍ୱର ମହାଦେବଙ୍କ ପୀଠରେ ସମସ୍ତ ସାମ୍ବାଦିକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ସଭ୍ୟଙ୍କ ସର୍ବ ସମ୍ମତି କ୍ରମେ କୋଣାର୍କ ସମାଜ ପ୍ରତିନିଧି ଧନଞ୍ଜୟ ବେହେରାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି ସେହିପରି ବିଶ୍ୱଜିତ ରାଉତରାୟ ଉପସଭାପତି, ବିଚିତ୍ର ଓଝା ସମ୍ପାଦକ, ଜ୍ଞାନ ରଞ୍ଜନ ବିଶ୍ୱାଳ ସହସମ୍ପାଦକ,ଦୀପ୍ତିରଞ୍ଜନ ପାତ୍ରଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି ।ଏହି ଅବସରରେ ଅନୁଷ୍ଠିତ ବୈଠକରେ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚ୍ନା କରାଯାଇ ଥିବା ବେଳେ ।ବହୁ ପୁରାତନ କୋଣାର୍କ ପ୍ରେସକ୍ଲବ ଯେପରି ଶୃଂଖଳିତ ଭାବେ ପରିଚାଳିତ ହେବ ଓ ଖବର ପରିବେଷଣ ସମୟରେ ପର୍ଯ୍ୟଟକ ହୁଅନ୍ତୁବା ସ୍ଥାନୀୟ ଜନସାଧାରଣଙ୍କୁ ସଭ୍ୟମାନେ ଉତ୍ତମ ଆଚ୍ରଣ ପଦର୍ଶନ ତତସହିତ କୌଣସି ସମସ୍ୟା ସୃଷ୍ଟି ହେଲେ ପ୍ରେସ କ୍ଲବକୁ ଅବଗତ କରାଇବାକୁ ଉପଦେଷ୍ଟା ବାଦଲ ଦାସ,ସଞ୍ଜୟ ପତି, ରାମକୃଷ୍ଣ ମହାନ୍ତି ମତଦେଇଥିଲେ ।ଶୃଂଖଳିତ ଆଚ୍ରଣ ଓ ନିରପେକ୍ଷ ଖବର ପରିବେଷଣ ଦ୍ୱାରା କୋଣାର୍କ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ଧନଞ୍ଜୟ ବେହେରା ମତବ୍ୟକ୍ତ କରିଥିଲେ ।ଏହି ବୈଠକରେ ସଭ୍ୟ ଅବନି ଭୂଷଣ ବାରିକ,ସମୟ ରଞ୍ଜନ ସାହୁ,ତାରିକେଶ୍ୱର ବରାଳ,ରାମକୃଷ୍ଣ ମହାନ୍ତି,ବିଷ୍ଣୁ ପ୍ରସାଦ ଜେନା ,ଗୋପବନ୍ଧୁ ପତି,ଉମାକାନ୍ତ ସାହୁ,ସୁବାସ ବେହେରା,ଶ୍ରୀକାନ୍ତ କୁମାର ସିଂହ ଙ୍କ ସମେତ ସମସ୍ତ ସଭ୍ୟ ଓ ସଭ୍ୟା ମାନେ ଉପସ୍ଥିତ ଥିଲେ ।

ଚତୁର୍ଥ ଦିବସରେ ୧୧୮ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

ଫୁଲନଖରା, (ପି.ଏନ): ବାରଙ୍ଗ ବ୍ଲକରେ ଆଜି ମୋଟ ୧୧୮ ଜଣ ଆଶାୟୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି । ଆଜି ୮୮ଜଣ ୱାର୍ଡ଼ ମେମ୍ବର ପଦ ପାଇଁ ମନୋନୟନ ପତ୍ର ଦାଖଲ କରିଥିଲାବେଳେ ୧୫ଜଣ ସରପଞ୍ଚ ଓ ସମାନ ସଂଖ୍ୟକ ୧୫ଜଣ ସମିତି ସଭ୍ୟ ପାଇଁ ନାମାଙ୍କନ ପତ୍ର ଭରିଛନ୍ତି । ଆଜି ପ୍ରାର୍ଥୀ ପତ୍ର ଦାଖଲର ଚତୁର୍ଥ ଦିବସ ଥିଲାବେଳେ ଗତ ତିନି ଦିନରେ ମୋଟ ୨୮୩ ଜଣ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ଼ ମେମ୍ବର ପାଇଁ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି । ଆସନ୍ତାକାଲି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଥିଲାବେଳେ ୨୫ତାରିଖ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଅନ୍ତିମ ଦିବସ ରହିଛି । ଆସନ୍ତା ଫେବୁଆରୀ ୧୮ତାରିଖରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ।

ନକଲି ଜମିପଟ୍ଟା ଦେଇ ଗରୀବ ଭୂମି ହୀନ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ

ବାଲେଶ୍ୱର ,(ପି.ଏନ): ନକଲି ଜମିପଟ୍ଟା ଦେଇ ଗରୀବ ଭୂମି ହୀନ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି । ଜଣେ ଯୁବକ ସୂଚନା ଯୋଗ୍ୟ ଯେ ବସ୍ତା ଥାନା ଅନ୍ତର୍ଗତ କ୍ଷୀରଙ୍ଗ ଗ୍ରାମର ଜଣେ ଯୁବକ ନିଜକୁ ତହସିଲ ଅଫିସର କର୍ମଚାରୀ ପରିଚୟ ଦେଇ ସଦର ବ୍ଲକ ଅନ୍ତର୍ଗତ ଏଣ୍ଡରାଇ, ବେଲଦା, ରାଘବପୁର ଏବଂ ସାଥା ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ଠକି ଥିବା ଅଭିଯୋଗ ହୋଇଛି । ସେ ଭୁଦାନ ଯୋଜନାରେ ଜମିପଟ୍ଟା ଯୋଗାଇ ଦେବାର ପ୍ରତିଶୃତି ଦେଇ ଆଜକୁ ୫ ବର୍ଷ ପୂର୍ବରୁ ପ୍ରତି ପଟ୍ଟା ପିଛା ୨୦ ହଜାର ଟଙ୍କା ଲେଖାଏଁ କରି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଯାଇଥିଲା । ପରେ ଲୋକମାନେ ପଟ୍ଟା ପାଇବା ପାଇଁ ବାରମ୍ବାର ଉକ୍ତ ଯୁବକଙ୍କୁ ଯୋଗା ଯୋଗ କରିଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ । ତେବେ ଗତ କିଛି ମାସ ପୂର୍ବରୁ ଉକ୍ତ ଠକ ଯୁବକ ସମସ୍ତଙ୍କୁ ଖଣ୍ଡିଏ ଖଣ୍ଡିଏ ପଟ୍ଟା ଦେଇଥିଲେ । ପଟ୍ଟା ପାଇବା ପରେ ଲୋକମାନେ ଖୁସି ହୋଇଯାଇଥିଲେ । ପରେ ସେମାନଙ୍କ ପିଲାମାନଙ୍କର ଜାତିଗତ ପ୍ରମାଣ ପତ୍ର ବାହାର କରିବା ପାଇଁ ଉକ୍ତ ପଟ୍ଟା ନେଇ ତହସିଲ ଅଫିସରେ ଦାଖଲ କରିବା ପରେ ଉକ୍ତ ପଟ୍ଟା ଗୁଡ଼ିକ ନକଲି ବୋଲି ଜଣା ପଡ଼ିଥିଲା । ଧାର କରଜ କରି ଟଙ୍କା ଦେଇଥିବା ଗରିବ ଲୋକମାନେ ପଟ୍ଟା ନକଲି ବୋଲି ଜାଣିବା ପରେ ଏବେ ସେମାନଙ୍କ ମୁଣ୍ଡରେ ଚଡ଼୍‌କ ପଡ଼ିଯାଇଛି । ଏ ନେଇ ଲୋକମାନେ ଟଙ୍କା ଫେରସ୍ତ ପାଇଁ ଉକ୍ତ ଯୁବକଙ୍କ ଘରକୁ ବାରମ୍ବାର ଦୌଡୁଥିଲେ ମଧ୍ୟ କିଛି ଫଳ ମିଳିଲା ନାହିଁ । ଅଲଟି ସେ ଲୋକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଗୁଣ୍ଡା ଲଗାଇ ମାରିବାର ଲୋକେ ଅଭିଯୋଗ କରିଛନ୍ତି । ଶେଷରେ ନ୍ୟାୟ ପାଇବା ପାଇଁ ଲୋକମାନେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ବିରଜା ମାର୍କେଟ କଂପ୍ଲେକ୍ସ ବଣିକ ସଂଘର ବଂଧୁ ମିଳନ

ଧର୍ମଶାଳା, ୨୦।୧ (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିରଜା ମାର୍କେଟ କଂପ୍ଲେକ୍ସ ବଣିକ ସଂଘର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଲୋକନାଥ ବୈଶାଖ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ବଡବଜାର ବଣିକ ସଂଘର ସଭାପତି ଅମରେନ୍ଦ୍ର ରାଉତ, ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାଁ, ମେନ୍‌ମାର୍କେଟ୍ ବଣିକ ସଂଘର ସଭାପତି ଅଶୋକ ସାହୁ, ସଂପାଦକ ଅଶୋକ ବରା. ପ୍ରତିଷ୍ଠିତ ବ୍ୟବସାୟୀ ରାମଚନ୍ଦ୍ର ମଲିକ ଯୋଗ ଦେଇ ବ୍ୟବସାୟୀମାନଙ୍କ ମଧ୍ୟରେ ଏକତା ଓଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ନକୁଳ ସାହୁ, ଅଶୋକ ବାରିକ, ଭାଗବତ ମହାରଣା,କୁଳମଣି ପରିଡା,ଦିବାକର ରାଉତ ପ୍ରମୁଖ ବ୍ୟବସାୟୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ସଂପାଦକ ପୀତବାସ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ବ୍ୟବସାୟୀ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ ।

ପୁଲିସ୍ ହେପାଜତରୁ ଖସିଗଲା ଦୁଷ୍କର୍ମ ଅଭିଯୁକ୍ତ: ବାପା ବନ୍ଧା ହେବା ଭୟରେ ଧରାଦେଲା ପୁଅ

ଧର୍ମଶାଳା, (ପିଏନ୍): କୋର୍ଟ ଚାଲାଣ ବେଳେ ଧର୍ମଶାଳା ଥାନା ପୁଲିସ୍ ହେପାଜତରୁ ଖସି ଯାଇଥିଲା ଜଣେ ଦୁଷ୍କର୍ମ ଅଭିଯୁକ୍ତ । ଅଭିଯୁକ୍ତ ପାଖର ପ□ାୟତ ନାକୁଆ ଗ୍ରାମର ଶିବ ସାମଲକୁ ଧରିବା ପାଇଁ ପୁଲିସ୍‌କୁ ଦିନ ତମାମ୍ ନାକେଦମ୍ ହେବାକୁ ପଡ଼ିଲା । ଏଣେ ଦାୟିତ୍ୱରେ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନର ଭୟ । କଳେ ବଳେ କୌଶଳେ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ଆରମ୍ଭ କଲା ଶିବ ଧରା ଅଭିଯାନ । ପୁଅକୁ ଧରିବା ପାଇଁ ପୁଲିସ୍ ବାପା ଦୁଃଶାସନ ସାମଲଙ୍କୁ ଘରୁ ଉଠାଇ ଆଣିଥିଲା । ଶିବ ଧରା ନ ଦେଲେ ବାପା ଦୁଃଶାସନଙ୍କୁ ବାନ୍ଧି କୋର୍ଟ ଚାଲାଣ କରାଯିବ ବୋଲି ଧମକ ଦେଇଥିଲା ପୁଲିସ୍ । ସଂପର୍କୀୟଙ୍କ ମାଧ୍ୟମରେ ଖବର ପହ□ିଥିଲା ଶିବ ପାଖରେ । ନିଜ କୁକର୍ମ ପାଇଁ ନିର୍ଦ୍ଦୋଷ ବାପା ବନ୍ଧା ହୋଇଯିବା ଭୟରେ ଶିବ ଆସି ଗତକାଲି ସଂଧ୍ୟାରେ ପୁଲିସ୍ ନିକଟରେ ଧରା ଦେଇଥିଲା । ଶେଷରେ ପୁଲିସ୍‌ର ଅପରେସନ୍ ସଫଳ ହୋଇଥିଲା । ସୌଭାଗ୍ୟବଶତ ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀ ଅଙ୍କେକ ବ□ି ଯାଇଥିଲେ । ଘଟଣାରୁ ପ୍ରକାଶ ଯେ, ଏକ ଦୁଷ୍କର୍ମ ଘଟଣାରେ ଶିବ ପ୍ରାୟ ୫ବର୍ଷ ହେଲା ଫେରାର୍ ଥିଲା । ତେବେ ଘଟଣାର ଆପୋଷ ସମାଧାନ ପାଇଁ ଉଦ୍ୟମ ଚାଲିଥିବା ବେଳେ ପୁଲିସ୍ ଗତକାଲି ଶିବକୁ ଗିରଫ କରିଥିଲା । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିବର କୋଭିଡ୍ ପରୀକ୍ଷା କରାଯିବା ପରେ ମଧ୍ୟାହ୍ନରେ ତାକୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିଲା । କୋର୍ଟ ନିକଟରେ ଶିବ ଗାଡ଼ିରୁ ଓହ୍ଲାଉଥିବା ବେଳେ ପୁଲିସ୍ ଚକ୍‌ମା ଦେଖାଇ ଫେରାର୍ ହୋଇ ଯାଇଥିଲା । ପରେ ପୁଲିସ୍ ନିଜ ଆଦବ୍ କାଇଦାରେ ଶିବକୁ ଧରିବାରେ ସକ୍ଷମ ହୋଇଛି । ସେମିତି ଗତ ୯ ତାରିଖରେ ଯାଜପୁର ଏସ୍‌ପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦେଉଳି ଗାଁର ଏକ ଭଡ଼ା ଘରେ ବେଆଇନ ସ୍କ୍ରାପ୍ ବେପାର କରୁଥିବା ଯାଜପୁର ସଦର ଥାନା ସାମ'ରାପୁର ଗ୍ରାମର ଦାମୋଦର ସାହୁ ଓ ଯାଜପୁର ରୋଡ୍ ଥାନା ଲକ୍ଷ୍ମୀନଗର ଗ୍ରାମର ମାନସ କୁମାର ପୃଷ୍ଟିକୁ ଗିରଫ କରି ଧର୍ମଶାଳା ଥାନା ପୁଲିସ୍ ଜିମା ଦେଇଥିଲା । ପୁଲିସ୍ ହେପାଜତରେ ଥିବା ଦାମୋଦର ଥାନା ପରିସରରୁ ଚମ୍ପଟ ମାରିଥିଲା । ତେବେ ପୁଲିସ୍ ବହୁ କସରତ କରି ସେହିଦିନ ରାତିରେ ତାକୁ ଧରିବାରେ ସକ୍ଷମ ହୋଇଥିଲା । ଏହିପରି ବହୁ ଅପରାଧୀ ବାରମ୍ବାର ପୁଲିସ୍ ହାତରୁ ଖସି ଯାଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ଢ଼ିଙ୍କିଆ ବିଶୃଙ୍ଖଳା ସଂପର୍କରେ ଘଟଣାର ଅନୁଧ୍ୟାନ ପାଇଁ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି ଗଠିତ

ଭୁବନେଶ୍ୱର,(ପି.ଏନ): ଜଗତସିଂହପୁର ଜିଲ୍ଲାର ଢ଼ିଙ୍କିଆ ଗ୍ରାମବାସୀମାନେ ନିଜର ହକ୍ ପାଇଁ ଆନ୍ଦୋଳନ କରୁଥିବା ବେଳେ ନିରସ୍ତ୍ର ଗ୍ରାମବାସୀଙ୍କୁ ପୋଲିସ ବର୍ବରୋଚିତ ଭାବେ ଆକ୍ରମଣ କରି ଲହୁ ଲୁହାଣ କରିଛି । ବହୁ ଲୋକଙ୍କୁ ଗିରଫ କରିଛି ଏବଂ ବହୁ ପାନ ଚାଷୀଙ୍କର ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ଘଟଣାର ଅନୁସନ୍ଧାନ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଏହି କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଅଧ୍ୟକ୍ଷ ରହିଥିବାବେଳେ ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ଚିରିବ ବଶ୍ୱାଳ ଆବାହକ ଭାବରେ ରହିଛନ୍ତି । କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର ଖୁଂଟିଆ, ଡ. ଲଲାଟେନ୍ଦୁ ମହାପାତ୍ର, ନଟବର ବାରିକ, ଅରିନ୍ଦମ ସର୍ଖେଲ, ଗଣେଶ୍ୱର ବେହେରା, ଅଭିଷେକ ମହାନନ୍ଦ ଏବଂ ଅଂଶୁମାନ ମହାନ୍ତି ମଧ୍ୟ ଏହି କମିଟିରେ ରହିଛନ୍ତି । ଏହି କମିଟି ଖୁବଶୀଘ୍ର ଢ଼ିଙ୍କିଆ ଅଂଚଳ ଗସ୍ତକରି ଘଟଣାର ଅନୁଧ୍ୟାନ କରିବେ ଏବଂ ଦଳର ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି । ତତ୍ ସଂଗେ ସଂଗେ ଉକ୍ତ ଅଂଚଳରେ ସାମ୍ବାଦିକ ସମ୍ମିଳନୀକୁ ମଧ୍ୟ ଉଦ୍‌ବୋଧନ ଦେବାପାଇଁ ଏହି କମିଟିକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି ।

ମହିଳାଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା,୨୦।୧(ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୁଣ୍ଡିରା ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ମହିଳାଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି । କୁଣ୍ଡିରା ଗ୍ରାମର ବିଧବା ମହିଳା ଇନ୍ଦୁମତୀ ଦଳେଇଙ୍କୁ ସେହି ଗ୍ରାମର ମଂଟୁ ଦଳେଇ ବୁଧାବର ଜମିବାଡି ବିବାଦକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ମଂଟୁ ଉକ୍ତ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏନେଇ ଇନ୍ଦୁମତୀ ଥାନାରେ ଅଣିଯୋଗ କ୍ରମେ ପୁଲିସ ୯/୨୨ରେ ଏକ କେଶ ରୁଜୁ କରି ମଂଟୁ ଦଳେଇ ୪୬କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

ତ୍ରିସ୍ତରୀୟ ପ□ାୟତ ନିର୍ବାଚନ ପାଇଁ ଚତୁର୍ଥ ଦିନରେ ୨୪୬୧ ପ୍ରାର୍ଥୀପତ୍ର ଦାଖଲ

କେନ୍ଦ୍ରାପଡା, (ପି.ଏନ): ତ୍ରିସ୍ତରୀୟ ପ□ାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଚତୁର୍ଥ ଦିବସରେ ଗୁରୁବାର କେନ୍ଦ୍ରାପଡା ଜିଲ୍ଲାର ୨୪୬୧ଜଣ ପ୍ରାର୍ଥୀ ୱାର୍ଡସଭ୍ୟ, ସରପ□, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି । ଜିଲ୍ଲାର ୧୯୦୮ ଜଣ ୱାର୍ଡସଭ୍ୟ, ୨୮୨ଜଣ ସରପ□, ୨୪୨ଜଣ ସମିତି ସଭ୍ୟ ଓ ୨୯ଜଣ ଜିଲ୍ଲା ପରିଷଦ ସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ହୋଇଛି । କେନ୍ଦ୍ରାପଡା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ନିରଞ୍ଜନ ବେହେରାଙ୍କ ନିକଟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସି.ପି.ଆଇ.) ପକ୍ଷରୁ ମାର୍ଶାଘାଇ ବ୍ଲକର ୨୪ନମ୍ବର ଜୋନରୁ ସୀତାକାନ୍ତ ନାୟକ ଓ ଆଳି ବ୍ଲକର ୪ନମ୍ବର ଜୋନରୁ ସୁହାନା ବେଗମ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ମାର୍ଶାଘାଇ ବ୍ଲକର ୨୫ନମ୍ବର ଜୋନରୁ ଦୁର୍ଗାବତୀ ପ୍ରଧାନ, ମହାକାଳପଡା ୧୯ନମ୍ବର ଜୋନରୁ ସସ୍ମିତା ସ୍ୱାଇଁ ଓ ୨୨ନମ୍ବର ଜୋନରୁ ଅପୁ ପରିଡା, ଆଳି ବ୍ଲକର ୩ନମ୍ବର ଜୋନରୁ ସ୍ୱାଗତିକା ରାଉତ, ଡେରାବିଶ ବ୍ଲକର ୧୪ନମ୍ବର ଜୋନରୁ ଅରବିନ୍ଦ ମଲିକ, ଗରଦପୁର ବ୍ଲକର ୯ନମ୍ବର ଜୋନରୁ ଏଲିଜା ସ୍ୱାଇଁ, ୧୦ନମ୍ବର ଜୋନରୁ ସତ୍ୟାନନ୍ଦ ରାଉତ ଓ ୧୧ନମ୍ବର ଜୋନରୁ ମଞ୍ଜୁବାଳା ଜେନା, କେନ୍ଦ୍ରାପଡା ବ୍ଲକର ୭ନମ୍ବର ଜୋନରୁ ମଧୁଛନ୍ଦା ମହାନ୍ତି, ରାଜକନିକା ବ୍ଲକର ୨୮ନମ୍ବର ଜୋନରୁ ପ୍ରତାପ କୁମାର ବେହେରା ଓ ୨୯ନମ୍ବର ଜୋନରୁ ଅମିତା ସାହୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡା ବ୍ଲକର ୮ନମ୍ବର ଜୋନରେ ଅନନ୍ତ କୁମାର ସ୍ୱାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସି.ପି.ଆଇ.(ଏମ) ପକ୍ଷରୁ ମହାକାଳପଡା ବ୍ଲକର ୨୩ନମ୍ବର ଜୋନରୁ ନରୋ□ମ ପାର୍ଥସାରଥି ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୭ନମ୍ବର ଜୋନରୁ ଭୀମସେନ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ବିଜେପି ପକ୍ଷରୁ କେନ୍ଦ୍ରାପଡା ବ୍ଲକର ୭ନମ୍ବର ଜୋନରୁ ସଙ୍ଗମିତ୍ରା ମଲିକ, ପଟ୍ଟାମୁଣ୍ଡାଇ ବ୍ଲକର ୧୫ନମ୍ବର ଜୋନରୁ ବିଜୟଲକ୍ଷ୍ମୀ ମଲିକ, ୧୬ନମ୍ବର ଜୋନରୁ ସଂଗ୍ରାମ କେଶରୀ ସେଠୀ ଓ ୧୮ନମ୍ବର ଜୋନରୁ ମାମି ମଲିକ, ରାଜନଗର ବ୍ଲକର ୩୨ନମ୍ବର ଜୋନରୁ ଆରତି ହାସଂଦା, ମହାକାଳପଡା ବ୍ଲକର ୨୦ନମ୍ବର ଜୋନରୁ ସୌଭାଗ୍ୟ କୁମାର ପରିଡା ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଓଡିଶା ଜନତା ପାର୍ଟି ପକ୍ଷରୁ ମାର୍ଶାଘାଇ ବ୍ଲକର ୨୫ନମ୍ବର ଜୋନରେ ନମିତା ନାୟକ ଓ କେନ୍ଦ୍ରାପଡା ବ୍ଲକର ୮ନମ୍ବର ଜୋନରୁ ମନୋଜ କୁମାର ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ମାର୍ଶାଘାଇ ବ୍ଲକର ୨୪ନମ୍ବର ଜୋନରୁ ରାଜେନ୍ଦ୍ର ମଲିକ ଓ ପ୍ରତାପ ଚନ୍ଦ୍ର ପରିଡା, କେନ୍ଦ୍ରାପଡା ବ୍ଲକର ୮ନମ୍ବର ଜୋନରୁ ସାଗରିକା ଦାସ, ରାଜନଗର ବ୍ଲକର ୩୦ନମ୍ବର ଜୋନରୁ ସମୀର କୁମାର ବାଇ ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ୧୬ନମ୍ବର ଜୋନରୁ ନଗେନ୍ଦ୍ର ଜେନା ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି । ଆଜି ମୁଖ୍ୟତଃ ବିଜେଡି ଦଳର ପ୍ରାର୍ଥୀମାନେ କୋଭିଡ ନିୟମକୁ ସଂପୂର୍ଣ୍ଣ ଉଲ୍ଲଙ୍ଘନ କରି ଶତାଧିକ ସମର୍ଥକମାନଙ୍କୁ ସାଙ୍ଗରେ ଧରି ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସିଥିବାର ଦେଖିବାକୁ ମିଳିଥିଲା ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray